# କଟକ ସିଟି





## କାଳବୈଶାଖୀ ଭୟ!

# ହୋର୍ଡିଂରୁ ଫ୍ଲେକ୍ସ ହଟାଇବାକୁ ଅବମାନନା

କଟକ,୧୦।୬(ସମିସ):







କିଛି ଦିନ ଧରି କାଳବୈଶାଖୀର ତାଣ୍ଡବ କଟକ ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପରିଲକ୍ଷିତ ହୋଇଆସୁଛି। ଏପରିକି ଏଥିପାଇଁ ଅନେକ ସ୍ଥାନରେ ବଡ ବଡ ବିଜ୍ଞାପନ ହୋର୍ଡିଂ ଉପୁଡି ପଡି ବହୁ କ୍ଷୟ କ୍ଷତି ଘଟିଛି। ସେହିଭଳି ଆଗକୁ କାଳବୈଶାଖୀ ଆଶଙ୍କା ରହିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ତତ୍ପର ହୋଇପଡିଛି। ମହାନଗର ନିଗମ ଅଞ୍ଚଳରେ ବଡ ବଡ ଅଟ୍ଟାଳିକା ଉପରେ ଶୋଭା ପାଉଥିବା ହୋର୍ଡିଂଗୁଡିକ ବିପଦକୁ ଆମନ୍ତ୍ରଣ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହାକୁ ମହାନଗର ନିଗମ ଗୁରୁତ୍ୱର ସହ ଗ୍ରହଣ କରି ହୋର୍ଡିଂ ସଂସ୍ଥା ଗୁଡିକୁ ଆସନ୍ତା ଜୁନ ୧୫ତାରିଖ ପର୍ଯ୍ୟନ୍ତ ଜିରୋ ଫ୍ଲେକ୍ସ କରିବା ପାଇଁ କମିସନର ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶକୁ ସମ୍ପୃକ୍ତ ସଂସ୍ଥାଗୁଡିକ ବେଖାତିର ମନୋଭାବ ପୋଷଣ କରିଥିବା ଅଭିଯୋଗ ହୋଇଛି। କାଳବୈଶାଖୀ ବର୍ଷା ଭୟ ଗତ କିଛିଦିନ ଧରି କଟକବାସୀଙ୍କୁ ଚିନ୍ତାରେ ପକାଇଛି। ମହାନଗର ନିଗମ ପକ୍ଷରୁ ସହରରେ ଥିବା ସମସ୍ତ ବିଜ୍ଞାପନ ହୋର୍ଡିଂଗୁଡିକରୁ ଫ୍ଲେକ୍ସ ହଟାଇବା ପାଇଁ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏବେ ବି ସହରର ବହୁ ସ୍ଥାନରେ ମାଳମାଳ ହୋର୍ଡିଂ ରହିଛି। ରୁଫଟପ୍ ହୋର୍ଡିଂ ନିକଟରେ ହୋଇଥିବା କାଳବୈଶାଖୀ ଝଡ ବର୍ଷାରେ ଭାଙ୍ଗିଥିବାର ନଜିର ରହିଛି। ସହରର ଜନଗହଳି ସ୍ଥାନରେ ରହିଥିବା ବିଜ୍ଞାପନ ହୋର୍ଡିଂ ଗୁଡିକ ହଟାଇବାକୁ କଟକ ପ୍ରଶାସନ ସଫଳ ହୋଇପାରିନଥିବାର ଜଣାଯାଇଛି। ହୋର୍ଡିଂ ସବୁ ହଟାଇବା ଲାଗି ଅତୀତରେ ଅନେକ ଥର ଅଭିଯାନ ଆରମ୍ଭ ହୋଇଥିଲେ ମଧ୍ୟ ଏହା ଫଳପ୍ରଦ ହୋଇପାରିନି। ସିଏମସି ପକ୍ଷରୁ ହୋର୍ଡିଂରୁ ଫ୍ଲେକ୍ସ ସବୁ ହଟାଇବା ଲାଗି ପୁଣି ଦିଆଯାଇଥିବା ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ସହରରେ କାଳବୈଶାଖିର ପ୍ରଭାବରେ ହେଉଥିବା ଝଡ ବର୍ଷାରେ ଏହି ରୁଫଟପ ହୋର୍ଡିଂ ଗୁଡିକ ଭାଙ୍ଗି ରାସ୍ତା ଉପରେ ପଡୁଥିଲା ବେଳେ ଏଥିରେ ଧନଜୀବନ ହାନି ହେବାର ସମ୍ଭାବନା ରହିଛି। ସିଏମସି କମିସନରଙ୍କ ନିର୍ଦ୍ଦେଶ ପରେ ହୋର୍ଡିଂ ସଂସ୍ଥାଗୁଡିକ ହାତଗଣତି କିଛି ଛୋଟ ବିଜ୍ଞାପନ ହୋର୍ଡିଂରୁ ଫ୍ଲେକ୍ସ ବ୍ୟାନର ହଟାଇଥିବା ବେଳେ ବଡବଡ ହୋର୍ଡିଂ ସେମିତି ରହିଯାଇଛି। ଆଗକୁ ରଜ ପର୍ବ ଥିବାରୁ ସହରର ପ୍ରମୁଖ ସ୍ଥାନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ପ୍ରତି ଦିନ ନୂଆ ହୋର୍ଡିଂ ଲଗାଯାଉଛି। ଗୋଟିଏପଟରେ ହୋର୍ଡିଂରୁ ଫ୍ଲେକ୍ସ ହଟାଇବା ପାଇଁ ନିର୍ଦ୍ଦେଶ ଥିବା ବେଳେ ଅନ୍ୟପଟରେ ନୂଆ ହୋର୍ଡିଂ କିଭଳି ଲଗାଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଜନବସତି ଅଞ୍ଚଳରେ ବିପଦକୁ ଡାକୁଛି ସହସ୍ରାଧିକ ହୋର୍ଡିଂ

କଟକର ପ୍ରମୁଖ ସ୍ଥାନ ବାଦାମବାଡି, ଲିଙ୍କରୋଡ, ନେତାଜୀ ବସ ଟର୍ମିନାଲ, ରେଳଷ୍ଟେସନ, କଲେଜଛକ, ମଙ୍ଗଳାବାଗ, ବକ୍ସିବଜାରରେ ସୁଉଚ୍ଚ ହୋର୍ଡିଂ ଗୁଡିକ ଏବେ ବି ଲୋକଙ୍କ ପାଇଁ ବିପଦ ହୋଇ ଉଭା ହୋଇଛି। ବିଭିନ୍ନ ବେସରକାରୀ ପ୍ରତିଷ୍ଠାନ ହେଉ ଅବା ବ୍ୟକ୍ତି ବିଶେଷଙ୍କ ଘର ଛାତ ଉପରେ ସହସ୍ରାଧିକ ହୋର୍ଡିଂ ରହିଛି। ଏଣୁ ଏଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ଅପସାରଣ କରାଯିବା ଲାଗି ସିଏମସି ପକ୍ଷରୁ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହୋଇଛି।

## ପୁଲିସର ବରିଷ୍ଠ ନାଗରିକ ଚିନ୍ତା

# ଘରକୁ ଘର ବୁଲି ସୁରକ୍ଷା ସମ୍ପର୍କରେ ବୁଝୁଛି ପୁଲିସ

**କଟକ,୧୦।୬(ସମିସ):** ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ପୁଣି ଥରେ ସ୍ପେସାଲ୍ ଡ୍ରାଇଭ୍ ଆରମ୍ଭ କରିଛି। ଥାନାୱାରୀ ନୋଡାଲ୍ ଅଫିସରଙ୍କ ନେତୃତ୍ୱରେ ଟିମ୍‌ଗୁଡ଼ିକ ଘରକୁ ଘର ବୁଲି ବରିଷ୍ଠ ନାଗରିକଙ୍କ ବିଷୟରେ ପଚାରି ବୁଝୁଛନ୍ତି। ପୂର୍ବରୁ ୮ମାସରୁ ଅଧିକ ହେବ ଏହି ଡ୍ରାଇଭ୍ ବନ୍ଦ ହୋଇଯାଇଥିବା ବେଳେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶରେ ଏହି ଡ୍ରାଇଭକୁ କଡାକଡି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମର୍କତନଗର ଥାନା, ଫେଜ୍-୨ ଥାନା, କ୍ୟାଣ୍ଟନମେଣ୍ଟ ଥାନା, ପୁରୀଘାଟ ଥାନା, ଲାଲବାଗ ଥାନା ଏବଂ ବିଡାନସୀ ଥାନା ଏହି ଡ୍ରାଇଭ୍ ଆରମ୍ଭ କରିଛନ୍ତି। ସମସ୍ତ ଥାନା ପକ୍ଷରୁ ଏହି ଡ୍ରାଇଭ୍ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହି ଡ୍ରାଇଭ୍ ସମ୍ପର୍କିତ ସମସ୍ତ ତଥ୍ୟ ଡିସିପିଙ୍କ କାର୍ଯ୍ୟାଳୟରେ ପ୍ରତି ମାସରେ ପ୍ରଦାନ କରିବାକୁ ସମସ୍ତ ଥାନା ଗୁଡ଼ିକୁ ଡିସିପି ଶ୍ରୀ ଦ୍ୟାନଦେଓ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ଯୋଗାଇ ଦିଆଯାଉଛି। ଥାନାଗୁଡ଼ିକୁ ଏ ସଂକ୍ରାନ୍ତରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପୁଲିସର ସହାୟତାରେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରାଯିବା, ସେମାନଙ୍କ ନିରାପତ୍ତା ଓ ସୁରକ୍ଷାର ପାଇଁ ବିଭିନ୍ନ ଦିଗ ଉପରେ ପୁଲିସ ନଜର ରଖିବା, ସେମାନେ ନିଜର ବ୍ୟକ୍ତିଗତ ସମସ୍ୟା ଏବଂ ପାରିବାରିକ ସମସ୍ୟା ପୁଲିସକୁ ଜଣାଇବା, ପ୍ରତ୍ୟେକ ଦିନ ପୁଲିସ ସେମାନଙ୍କ ସହିତ ଫୋନ୍ ମାଧ୍ୟମରେ କିମ୍ବା ଗୃହ ପରିଦର୍ଶନ କରି ଖବର ବୁଝିବା ଏବଂ ପଡ଼ୋଶୀ ଓ ସମ୍ପର୍କୀୟଙ୍କ ସହିତ ପୁଲିସ ଯୋଗସୂତ୍ର ରଖିବା ଆଦି ୬ଟି ସର୍ତ୍ତାବଳୀକୁ ସ୍ଥାନୀୟ ଥାନାର ନୋଡାଲ୍ ଅଫିସର ଗୁରୁତ୍ୱ ଦେଉଥିବା ଅତିରିକ୍ତ ଏଡିସିପି ଶ୍ରୀ ପଣ୍ଡା କହିଛନ୍ତି।

➤ ଖୁବ୍‌ଶୀଘ୍ର ପୋର୍ଟାଲ୍ ମାଧ୍ୟମରେ ଆରମ୍ଭ ହେବ ପଞ୍ଜୀକରଣ
➤ ସ୍ଥିତି ସମୀକ୍ଷା କରିଛନ୍ତି କମିସନର ଓ ଡିସିପି

ପ୍ରକାଶ ଥାଉ କି, କମିସନରେଟ୍ ପୁଲିସ ପକ୍ଷରୁ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଆପ୍‌ଟିକୁ ଗତ ୨୦୨୩ ମସିହା ନଭେମ୍ବରରେ ପରୀକ୍ଷଣ କରାଯାଇଥିଲା। ସମ୍ପୂର୍ଣ୍ଣ ଭାବେ ଡେଭଲପ୍ କାର୍ଯ୍ୟ କରାଯାଇ କେବଳ କାର୍ଯ୍ୟକ୍ଷମ କରାଯିବାର ଥିଲା। ଶେଷ ପର୍ଯ୍ୟାୟରେ ଏହି ଆପ୍ ଉପଲବ୍ଧ ହୋଇ ପାରିଲା ନାହିଁ। ସହରରେ କେଉଁ ବରିଷ୍ଠ ନାଗରିକ ଏକୁଟିଆ ରହୁଛନ୍ତି, ତାଙ୍କର କେଉଁ ପ୍ରକାର ସମସ୍ୟା ରହିଛି ଓ ସମେସ୍ତ ସୁରକ୍ଷିତ ଅଛନ୍ତି କି ନାହିଁ, ଏଭଳି ସମସ୍ତ ତଥ୍ୟ ପୂର୍ବରୁ ସଂଗ୍ରହ କରାଯାଇଛି। ଯେଉଁ ଥାନାରେ ଏହି ତଥ୍ୟ ସମ୍ପର୍କରେ ତ୍ରୁଟି ରହିଛି ବା ଆଦୌ ସୂଚନା ନାହିଁ, ସେମାନଙ୍କୁ ତଥ୍ୟ ସଂଗ୍ରହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ଥାନାସ୍ତରରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ୍ ଗଠନ କରାଯାଇ ଜଣେ ଏସ୍‌ଆଇ ପାହ୍ୟା କର୍ମଚାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ସେମାନେ ନିଜ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁଛନ୍ତି କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯାଉଥିଲା। ପ୍ରତ୍ୟେକ ଥାନାରେ ଏହି ନୋଡାଲ୍ ଅଫିସରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ସୁରକ୍ଷା ଯାଞ୍ଚ କରାଯିବାର ନିର୍ଦ୍ଦେଶ ରହିଥିଲା। ହେଲେ ଏହି ଯୋଜନା କିଛି ମାସ ହେବ ସ୍ୱାଭାବିକ ଢଙ୍ଗରେ ଚାଲି ପରବର୍ତ୍ତି ସମୟରେ ଥାଣ୍ଡୁ ପାଲଟି ଯାଇଥିଲା। ସହରର ଥାନା ଗୁଡ଼ିକରେ ମାତ୍ର ୫ହଜାର ବରିଷ୍ଠ ନାଗରିକ ସେମାନଙ୍କ ନାଁ ଏବଂ ବ୍ୟକ୍ତିଗତ ତଥ୍ୟକୁ ପଞ୍ଜୀକରଣ କରିଥିବା ବେଳେ ଏବେ ୯୦ହଜାର ବରିଷ୍ଠ ନାଗରିକ ସେମାନଙ୍କ ପଞ୍ଜୀକରଣ ଆଦୌ କରି ପାରି ନହାନ୍ତି। ଏଭଳି ପରିସ୍ଥିତିରେ ଡିସିପିଙ୍କ ନିର୍ଦ୍ଦେଶ ଏହି ଡ୍ରାଇଭକୁ ପୁଣି ଥରେ କଡାକଡି କରାଯାଉଛି। ପଞ୍ଜିକୃତ କରିନଥିବା ବରିଷ୍ଠ ନାଗରିକମାନେ ପୋର୍ଟାଲ୍ ଓ ଆପ୍ ମାଧ୍ୟମରେ ପଞ୍ଜୀକରଣ କରି ପାରିବେ। ଖୁବଶୀଘ୍ର ଏ ସମ୍ପର୍କରେ ପୁଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ମିଳିଛି।

## ■ ଐତିହାସିକ ଲାଲବାଗ ଥାନା ପାଇଁ ଐତିହ୍ୟ ସଂରକ୍ଷଣ କମିଟି ଗଠନ ପ୍ରସଙ୍ଗ

# ସିଏମ୍‌ସିକୁ ଜବାବ ତଲବ

**କଟକ, ୧୦।୬(ସମିସ):** ବ୍ରିଟିଶ ଅମଳର ଲାଲବାଗ ଥାନା କୋଠା ସଂରକ୍ଷିତ କରିବା ପାଇଁ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଐତିହ୍ୟ ସଂରକ୍ଷଣ କମିଟି ଗଠନ ମାମଲାକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ଓଡ଼ିଶା ହାଇକୋର୍ଟ। ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆକ୍ଟ, ୨୦୦୩ର ଧାରା ୪୬୯ ଅନୁଯାୟୀ ଏହି କମିଟି ଗଠନ କରିବା ପ୍ରସଙ୍ଗରେ ହାଇକୋର୍ଟ ସିଏମସିକୁ ନୋଟିସ ଜାରି କରି ଜବାବ ତଲବ କରିଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏବଂ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଚିତ୍ତରଞ୍ଜନ ମହାନ୍ତିଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଐତିହ୍ୟସ୍ଥଳର ସୁରକ୍ଷା ପାଇଁ ଲାଲବାଗ୍ ଥାନା ବିଲ୍ଡିଂକୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରା ନଯାଉ। ମାତ୍ର ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରିଥିଲେ କି ଉକ୍ତ ଲାଲବାଗ୍ ଥାନା କୋଠାଟି ସମ୍ପୂର୍ଣ୍ଣ ଭାବେ ଭଙ୍ଗା ସରିଛି। ତେବେ, ପ୍ରଥମ ପ୍ରାର୍ଥନା ଅର୍ଥାତ୍ ଐତିହ୍ୟ ସଂରକ୍ଷଣ କମିଟି ଗଠନ ପ୍ରସଙ୍ଗକୁ ବିଚାରକୁ ନେଇ କୋର୍ଟ କଟକ ମହାନଗର ନିଗମକୁ ନୋଟିସ୍ ଦେବା ସହ ସିଏମସି ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ଦେବାଶିଷ ନାୟକଙ୍କୁ ଏ ସମ୍ପର୍କରେ ତୁରନ୍ତ ତଥ୍ୟ ଦାଖଲ କରିବାକୁ କହିଛନ୍ତି। ଆସନ୍ତା ଜୁନ୍ ୨୯ରୁ ଆରମ୍ଭ ହେଉଥିବା ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ମରାଠା କାଳର ଇତିହାସ ଓ ସ୍ୱାଧୀନତା ସଂଗ୍ରାମର ସ୍ମୃତି ଲାଲବାଗ ଥାନାର ଏକ ଅନନ୍ୟ ଐତିହ୍ୟ। ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଅନେକ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏହି ଥାନାରେ ଅଟକ ରଖାଯାଇଥିଲା। ପାର୍କିଂ ସ୍ଥଳ ପାଇଁ ଥାନା ଉଚ୍ଛେଦ ନିଷ୍ପତ୍ତିକୁ ବିରୋଧ ସହ ସିଏମସି ପକ୍ଷରୁ ଐତିହ୍ୟ ସଂରକ୍ଷଣ କମିଟି ଗଠନ କରାଯାଉ ବୋଲି ପ୍ରାଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# କାନାଡ଼ାରେ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ

**କଟକ,୧୦।୬(ସମିସ):** କାନାଡ଼ାର ସାସ୍କାଚେୱାନ୍ ବିଶ୍ୱବିଦ୍ୟାଳୟରେ ଛଅ ବର୍ଷରୁ ଅଧିକ ସମୟ ଧରି ଅଧ୍ୟୟନରତ ଓଡ଼ିଆ ଛାତ୍ର ସୌରଭ ଶାଶ୍ୱତ ରାଉତ ଜୈବ ରସାୟନ, ଅଣୁଜୀବ ବିଜ୍ଞାନ ଏବଂ ରୋଗ ପ୍ରତିରୋଧକ ବିଜ୍ଞାନ ବିଷୟରେ ଗବେଷଣା କରି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହୋଇଛନ୍ତି। ତାଙ୍କ ଗବେଷଣା ନିବନ୍ଧର ମାର୍ଗଦର୍ଶକ ଥିଲେ ଡକ୍ଟର କେରୀ ଲାଭେଣ୍ଡର। ଏହା ଏକ ଉଚ୍ଚକୋଟୀର ଗବେଷଣା ବୋଲି ସାସ୍କାଚେୱାନ୍ ବିଶ୍ୱବିଦ୍ୟାଳୟର ଡକ୍ଟର ଆଣ୍ଟୋନିଓ ଫାଟୁଓଲୋ ଓ ଡାଲହୌସୀ ବିଶ୍ୱବିଦ୍ୟାଳୟର ଡକ୍ଟର ଏମି ଗିଲଗ୍ରାସ୍ ପରୀକ୍ଷକ ଦ୍ୱୟ ମତବ୍ୟକ୍ତ କରିଛନ୍ତି। ସୌରଭ ଶାଶ୍ୱତ ହେଉଛନ୍ତି ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଦିବାକର ରାଉତ ଓ ଅନ୍ନପୂର୍ଣ୍ଣା ରାଉତଙ୍କ ପୁତ୍ର ଏବଂ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁନାମଣି ରାଉତଙ୍କ ଭ୍ରାତା ପୁଷ୍ପୁତ୍ର (ପୁତୁରା)। ସୌରଭ କାନାଡ଼ାରେ ଆହୁରି ଉଚ୍ଚତର ଗବେଷଣା କରି ସାମାଜିକ ପରିବର୍ତ୍ତନରେ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା ପୋଷଣ କରିଛନ୍ତି। ସୌରଭ ଶାଶ୍ୱତ ଭୁବନେଶ୍ୱର ଡିଏଭି ପବ୍ଲିକ୍ ସ୍କୁଲ ଚନ୍ଦ୍ରଶେଖରପୁରର ଜଣେ ମେଧାବୀ ଛାତ୍ର ଥିଲେ।



# ସାହିତ୍ୟିକ ଜେ.ପି. ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ,୧୦।୬(ସମିସ):** ଜଗନ୍ନାଥ ଦାସ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଦେଉଳ ସାହିଠାରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ବିଶିଷ୍ଟ ସାହିତ୍ୟିକ, ଗବେଷକ ଏବଂ ନାଟ୍ୟକାର ଜଗନ୍ନାଥ ପ୍ରସାଦ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ନୃସିଂହଚରଣ ପାତ୍ରଙ୍କ ଅଧ୍ୟକ୍ଷତା କରି ଜେ.ପି. ଦାସଙ୍କ ଜୀବନାଦର୍ଶ ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର କର୍ମକର୍ତ୍ତା ସାଧୁଚରଣ ପ୍ରଧାନ, ଅଶୋକ ତା, ବୁଲୁଖାରିନ ବେହେରା, ଭ୍ରମରବର ସାହୁ, ବିପିନ ବିହାରୀ ପାଢ଼ୀ, ରାମଚନ୍ଦ୍ର ମହାନ୍ତି ଓ ପ୍ରସନ୍ନକୁମାର ମହାପାତ୍ର ପ୍ରମୁଖ ଦିବଂଗତ ସାହିତ୍ୟ ସାଧକ ଜେ.ପି. ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଏସ୍‌ଏସ୍‌ଡବ୍ଲ୍ୟୁଓର ବାର୍ଷିକୋତ୍ସବ

# ମହିଳା ସଶକ୍ତୀକରଣ ଓ ଶିଶୁ ବିକାଶ ଉପରେ ଗୁରୁତ୍ୱାରୋପ



**କଟକ,୧୦।୬(ସମିସ):** ସମାଜର ସାମଗ୍ରିକ ବିକାଶ ପାଇଁ ମହିଳା ସଶକ୍ତୀକରଣ ଓ ଶିଶୁ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ବୋଲି ଏସଏସଡବ୍ଲ୍ୟୁଓ ପକ୍ଷରୁ ସହିଦ ଭବନଠାରେ ଆୟୋଜିତ ଦ୍ୱିତୀୟ ବାର୍ଷିକୀ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସ୍ୱାବଲମ୍ବନ ଏବଂ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅଧିକ ସୁଯୋଗ ମିଳିଲେ ସମାଜ ଓ ଦେଶର ଉନ୍ନତି ତ୍ୱରାନ୍ୱିତ ହୋଇଥାଏ ବୋଲି ମୁଖ୍ୟଅତିଥି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର କହିଛନ୍ତି। ସେହିପରି ଉଦ୍‌ଘାଟକ ଭାବେ ମେୟର ସୁବାସ ସିଂହ ଯୋଗଦେଇ ଶିଶୁମାନଙ୍କର ପୁଷ୍ଟି, ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ଓ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନର ମୂଳ ଆଧାର ବୋଲି କହିଥିଲେ। ମହିଳା ଓ ଶିଶୁମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଶ୍ରୀ ୱେଲଫେଆର ଅର୍ଗାନାଇଜେସନ୍ ପକ୍ଷରୁ ନାରୀ ଓ ଶିଶୁଙ୍କ ଉତ୍ଥାନ ପାଇଁ ଯେଉଁ ସଚେତନତା ବୃଦ୍ଧି ଉପରେ ପ୍ରୟାସ ପ୍ରଶଂସନୀୟ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ମହିଳା ଅଧିକାର ସୁରକ୍ଷା, କନ୍ୟା ଶିକ୍ଷାର ପ୍ରୋତ୍ସାହନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଗଲେ ଏକ ସମତାଭିତ୍ତିକ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ ହେବ ବୋଲି ଅତିଥିମାନେ କହିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଅନୁଷ୍ଠାନର ସଭାପତି ସରୋଜକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ମହିଳାଙ୍କ ଦ୍ୱାରା ଆୟୋଜିତ 'ରାମ୍ପ ସୋ'ର ବିଜେତାଙ୍କୁ ନଗଦ ଅର୍ଥରାଶି ସହ କ୍ରାଉନ୍ ପ୍ରଦାନ କରାଯାଇଥିଲା। ସେହିପରି ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଚିତ୍ରାଙ୍କନ, ହସ୍ତାକ୍ଷର ଓ ନାଚ ପ୍ରତିଯୋଗିତା ମାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବେ ବାରବାଟି କଟକ ବିଧାୟିକା ସୋଫିଆ ଫିର୍‌ଦୋଷ, କବି ଅନିରୁଦ୍ଧ କୁର୍କୁରିଆ, ଡାକ୍ତର ନିରଞ୍ଜନ ମହାନ୍ତି, ସ୍ତମ୍ଭକାର ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଫିଲ୍ମ ଅଭିନେତ୍ରୀ ମେଘନା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦିକା ମୋଲିନା ଦାସ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ ସହ ଆଗାମୀ ଦିନରେ ମହିଳାମାନେ ଏହି ସଂସ୍ଥା ସହ ଅଧିକରୁ ଅଧିକ ଯୋଡ଼ି ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭ୍ୟା ଚାରୁଲତା ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାରେ ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା



**କଟକ, ୧୦।୬(ସମିସ):** ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ଆଜି ସମୀକ୍ଷା କରି ନିର୍ବାଚନମଣ୍ଡଳୀ ଅନୁଯାୟୀ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଜିଲ୍ଲାରେ ଆଜି ସୁଦ୍ଧା ମୋଟ ୯୩ ପ୍ରତିଶତ ଏନୁମରେସନ୍ ଫର୍ମ ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଶ୍ରୀ ଗୋପାଳନ ସମସ୍ତ ନିର୍ବାଚନ ମଣ୍ଡଳୀରେ ଧାର୍ଯ୍ୟ ସମୟ ମଧ୍ୟରେ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କେତେକ ସ୍ଥାନରେ ଭୋଟରମାନେ ସ୍ଥାନ ପରିବର୍ତ୍ତନ କରିଥିବାରୁ ସେମାନଙ୍କୁ ଚିହ୍ନଟ କରି ଏନୁମରେସନ୍ ଫର୍ମ ପହଞ୍ଚାଇବାରେ ସାମାନ୍ୟ ସମସ୍ୟା ସୃଷ୍ଟି ହେଉଛି। ଯେଉଁ ଯୋଗ୍ୟ ଭୋଟରମାନେ ଏପର୍ଯ୍ୟନ୍ତ ଫର୍ମ ପାଇନାହାନ୍ତି, ସେମାନେ ନିକଟସ୍ଥ ବିଏଲଓଙ୍କ ସହ ଯୋଗାଯୋଗ କରି ନିଜର ଏନୁମରେସନ୍ ଫର୍ମ ପୂରଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ମୋବାଇଲ ଆପ୍ ମାଧ୍ୟମରେ ମଧ୍ୟ ଅତ୍ୟନ୍ତ ସହଜ ଓ କମ୍ ସମୟ ମଧ୍ୟରେ ଏନୁମରେସନ୍ ଫର୍ମ ପୂରଣ କରାଯାଇପାରୁଥିବାରୁ ଭୋଟରମାନେ ନିଜେ ନିଜେ ଅନଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିବାକୁ ଅନୁରୋଧ କରାଯାଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଡେପୁଟୀ ସିଇଓ ଲକ୍ଷ୍ମୀ ପ୍ରସାଦ ସାହୁ, ଡେପୁଟୀ ସିଇଓ ଅନାମିକା ସିଂହ ଉପସ୍ଥିତ ଥିଲେ।

## ସହକାରୀ ପ୍ରଫେସର ପଦ ଆଶାର୍ଥୀଙ୍କ ସୁପାରିସ ପ୍ରତ୍ୟାହାର ପ୍ରସଙ୍ଗ

# ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

**କଟକ,୧୦।୬(ସମିସ):** ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର (ସୁପର ସ୍ପେସାଲିଟି) ପଦରେ ଜଣେ ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ଜଣେ ପ୍ରାର୍ଥୀଙ୍କ ନାମକୁ ସୁପାରିସ କରାଯାଇ ପୁଣି ଏହାକୁ ପ୍ରତ୍ୟାହାର କରିବା ସହ ଆଉ ଜଣଙ୍କ ନାମକୁ ସୁପାରିସ କରାଯିବା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ସୁପାରିସ ସଂପର୍କିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାରେ ଓପିଏସସି ନିକଟରୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ଏଥିସହିତ ଗତ ଜୁନ ୫ର ସୁପାରିସ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହା ଉପରେ ଆଉ କୌଣସି ଅଗ୍ରଗତି ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତର ପ୍ରଦୀପ୍ତ କୁମାର ପଣ୍ଡାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜୁନ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏଲଟିଆର ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୨୪, ମାର୍ଚ୍ଚ ୧୧ରେ ଓପିଏସସି ପକ୍ଷରୁ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ଆବେଦନକାରୀ ସହକାରୀ ପ୍ରଫେସର ପଦ ପାଇଁ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ସଫଳ ହେବାରୁ ଓପିଏସସି ୨୦୨୬, ଫେବ୍ରୁଆରି ୩ରେ ସ୍ୱାସ୍ଥ୍ୟ ବିଭାଗକୁ ଆବେଦନକାରୀଙ୍କ ନାମ ଅନୁମୋଦନ କରିଥିଲା। ପରେ ଏସସିବିରେ ୟୁରୋଲୋଜି ସହକାରୀ ପ୍ରଫେସର(ସୁପରସ୍ପେସାଲିଟି) ପଦରେ ଆବେଦନକାରୀଙ୍କ ନିଯୁକ୍ତି ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯିବା ସହ ବିଜ୍ଞପ୍ତିର ୩୦ ଦିନ ଭିତରେ ଉପରୋକ୍ତ ପଦରେ ଯୋଗ ଦେବା ପାଇଁ ଆବେଦନକାରୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଆଦେଶ ଦେଇଥିଲା। ଏସସିବିରେ ସହକାରୀ ପ୍ରଫେସର ପଦରେ ଯୋଗ ଦେବା ପାଇଁ ମାର୍ଚ୍ଚ ୧୬ରେ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଆବେଦନକାରୀ ଇସ୍ତଫା ଦାଖଲ କରିଥିଲେ। ଆବେଦନକାରୀଙ୍କ ଇସ୍ତଫାପତ୍ର ଗ୍ରହଣ ପ୍ରସଂଗ ସ୍ୱାସ୍ଥ୍ୟବିଭାଗ ନିକଟରେ ବିଚାରାଧୀନ ଥିବା ବେଳେ ହଠାତ ଜୁନ ୪ରେ ଓପିଏସସି ଏକ ବିଜ୍ଞପ୍ତି ପ୍ରକାଶ କରିଥିଲା। ପୂର୍ବରୁ ବୟସ ଅଧିକ ପାଇଁ ପ୍ରାର୍ଥିତ୍ୱ ନାକଚ ହୋଇଥିବା ଜଣେ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ ଗ୍ରହଣ କରିଥିଲା ଓପିଏସସି। ଏହାପରେ ଜୁନ ୫ରେ ସଂପୃକ୍ତ ପ୍ରାର୍ଥୀଙ୍କ ନାମ ୟୁରୋଲୋଜି ସହକାରୀ ପ୍ରଫେସର ପଦ ପାଇଁ ଓପିଏସସି ସୁପାରିସ କରି ଆବେଦନକାରୀଙ୍କ ନିଯୁକ୍ତି ସପକ୍ଷରେ କରାଯାଇଥିବା ସୁପାରିସ ପ୍ରତ୍ୟାହାର କରିଥିଲା। ବେଆଇନ ଭାବେ ଓପିଏସସି ଏପରି ବିଜ୍ଞପ୍ତି ପ୍ରକାଶ କରିଛି ଓ ଏହାକୁ ରଦ୍ଦ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ଏହି ମାମଲା ଦାୟର କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି।

# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

କଟକ,୧୦।୬(ସମିସ):




ନବନିର୍ମାଣ କୃଷକ ସଂଗଠନର ନେତାମାନଙ୍କ ବିରୋଧରେ ପୁଲିସ ମିଛ ମାମଲା ରୁଜୁ କରି ଗଣତାନ୍ତ୍ରିକ ଉପାୟରେ ହେଉଥିବା ଆନ୍ଦୋଳନକୁ ଦବାଇ ଦେବାକୁ ଚକ୍ରାନ୍ତ ହେଉଛି। ଏହି ଅଭିଯୋଗ ନେଇ ସଂଗଠନ ପକ୍ଷରୁ ଆଜି ପୁଲିସ ଡିଜିଙ୍କ କାର୍ଯ୍ୟାଳୟ ସାମନାରେ ଧାରଣା ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପୁଲିସ ଡିଜିଙ୍କୁ ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲା ଘଟଗାଁରୁ ମାର୍ଚ୍ଚ ୩୦ରେ ଆରମ୍ଭ ହୋଇଥିବା ପଦଯାତ୍ରାକୁ କଟକର ଫୁଲନଖରାଠାରେ ହିଂସା ଓ ଦଙ୍ଗା କେସ୍ ଲଗାଇ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ସମେତ ୧୩ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନୟାଗଡ଼ରେ ଜାନୁୟାରୀ ୨୨ରେ ଚାଷୀ ରାଲି ହେଉଥିବା ବେଳେ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ନିରୋଧ ଆଇନର ଧାରା ଲଗାଇବା, ସୋନପୁରରେ ମାର୍ଚ୍ଚ ୧୯ ତାରିଖରେ ନବନିର୍ମାଣ ସଂଗଠନର ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ପାଢ଼ୀଙ୍କ ବିରୋଧରେ ଡକାୟତି ଓ ଅସ୍ତ୍ରଶସ୍ତ୍ର ନିରୋଧ ଆଇନର ଧାରା ଲଗାଇବା, ମେ ୧୯ରେ ଜଗତସିଂହପୁରରେ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଂଜନ ସ୍ୱାଇଁଙ୍କ ବିରୋଧରେ ଜାତିଆଣା ଓ ହିଂସାର ଅଭିଯୋଗ ପୁଲିସ ଦ୍ୱାରା ଲଗାଯିବା ଘଟଣାର ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ବୁଧବାର କଟକର ପୁଲିସ ଡିଜି କାର୍ଯ୍ୟାଳୟ ସାମନାରେ ଗଣଧାରଣା ଦେଇଥିଲେ। ଓଡ଼ିଶା ପୁଲିସର ଏଡିସିପି ରଞ୍ଜିତ ପୃଷ୍ଟି ପ୍ରତିବାଦସ୍ଥଳରେ ପହଞ୍ଚି ସଂଗଠନ ନିକଟରୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଉକ୍ତ ସତ୍ୟାଗ୍ରହରେ ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ସମେତ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସହସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ସଂଗଠନ ଉପଦେଷ୍ଟା ଡକ୍ଟର କୁଳମଣି, ନବନିର୍ମାଣ ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ, ଜଗତସିଂହପୁରର ଚାଷୀ ନେତା ଦେବୀ ପ୍ରସାଦ ମହାରଣା, ଗଜପତି ପ୍ରଭାରୀ ରଣଜିତ୍ ପଟ୍ଟନାୟକ, ଢେଙ୍କାନାଳ ପ୍ରଭାରୀ ଅଶ୍ୱିନୀ ଜେନା, ମୟୂରଭଞ୍ଜ ପ୍ରଭାରୀ ଦିନେଶ ଦାସ, ନାରୀ ନେତ୍ରୀ ମଧୁମିତା ସାମଲ, ସୋନପୁର ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ପାଢ଼ୀ, ଯୁବଛାତ୍ର ନେତା ବିଶ୍ୱନାଥ ଦେଉରୀ, ବୌଦ୍ଧ ଜିଲ୍ଲା ଯୁବଛାତ୍ର ନେତା ଶ୍ରୀକାନ୍ତ ସାହୁ, ବାଲେଶ୍ୱରର ନାରୀ ନେତ୍ରୀ ଜୋସ୍ନା ସାମଲ, ନୟାଗଡ଼ ସଂଯୋଜକ ପ୍ରସନ୍ନ ପ୍ରଧାନ, କଟକ ଜିଲ୍ଲା ସଂଯୋଜକ ବିଚିତ୍ର ପଣ୍ଡା, ଉପଦେଷ୍ଟା କାଶୀନାଥ ସ୍ୱାଇଁ, କୃଷ୍ଣଚନ୍ଦ୍ର ବେହେରା, ରୂପେନ୍ଦ୍ର ରାଉତ, କୃପାସିନ୍ଧୁ ଦାସ, ସୁବାସ ଜତି, ଜୟନ୍ତ ସ୍ୱାଇଁ, ଜଟାଧାରୀ ଲେଙ୍କା, ଶାମସୁନ୍ଦର ସାହୁ, କେନ୍ଦ୍ରାପଡ଼ା ସହସଂଯୋଜକ ଦୋଳଗୋବିନ୍ଦ ପ୍ରଧାନ, ଉପଦେଷ୍ଟା ଦାଶରଥୀ ପ୍ରଧାନ, ଭଦ୍ରକର ପ୍ରଭାତ ମହାଳିକ, କେନ୍ଦୁଝରର ଖଗେଶ୍ୱର ମହନ୍ତ, ଢେଙ୍କାନାଳ ସଂଯୋଜକ ପ୍ରହ୍ଲାଦ ସାହୁ, ସହସଂଯୋଜକ ସୁଧାକର ପରିଡ଼ା, ପ୍ରଫୁଲ୍ଲ ପରିଡ଼ା, ଗଞ୍ଜାମ ସଂଯୋଜକ କୃଷ୍ଣ ନାହାକ, ପୁରୀର ବୁଟୁନା ସେନାପତି, ଆର୍ତ୍ତ ପରିଡ଼ା, ଯାଜପୁରର ଅଶୋକ ଶାନ୍ତି, ସୁବାସ ଖଣ୍ଡେଇ, ଜଗତସିଂହପୁର ସଂଯୋଜକ ଅଶୋକ ସ୍ୱାଇଁ, ବରିଷ୍ଠ କୃଷକ ନେତା ଦୁର୍ଗା ପ୍ରସାଦ ସ୍ୱାଇଁ, ଦେବଦତ୍ତ ସାହୁ ଓ ରଘୁନାଥ ନାୟକ, ଖୋର୍ଦ୍ଧାର ବରିଷ୍ଠ ଚାଷୀ ନେତା ପ୍ରଫୁଲ ପରିଡ଼ା ଓ ସହ ସଂଯୋଜକ ନିରଞ୍ଜନ ପ୍ରଧାନ, ଭୁବନେଶ୍ୱରର ଏସ. କେ ହେଦାଇ, ଯୁବଛାତ୍ର ସଭାପତି ଅମିତ ଜେନା, ଏମ.ଡ଼ି ମୁନାଓ୍ୱାର, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ମିଛ ମାମଲା ରୁଜୁକରି ଆନ୍ଦୋଳନକୁ ଦବାଇବାକୁ ଚକ୍ରାନ୍ତ

# ଗୋପାଳପୁର ପୋଷ୍ଟମାଷ୍ଟରଙ୍କ ବିରୋଧରେ ଅଭିଯୋଗ

**କଟକ,୧୦।୬(ସମିସ):** ଗୋପାଳପୁର ପୋଷ୍ଟମ୍ୟାନ୍‌ଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ ହୋଇଛି। ବାଲିକୁଦା ଗ୍ରାମର ଏକ ସିଭିଲ୍ ସୁଟ କେସ୍ ନଂ- ୧୪୯/୨୦୦୪, ବାଦି ଓ ପ୍ରତିବାଦୀଙ୍କର ଜମିବାଡ଼ି ବିବାଦର ଏକ ସମାଧାନ ନିମନ୍ତେ ସିଭିଲ୍ କୋର୍ଟଙ୍କ ପକ୍ଷରୁ ପ୍ରତିବାଦୀ ଅଂଶୀଦାରମାନଙ୍କୁ ପୋଷ୍ଟାଲ ଦ୍ୱାରା ଏକ ନୋଟିସ୍ ପ୍ରେରଣ କରାଯାଇଥିଲା। କିନ୍ତୁ ଗ୍ରାମୀଣ ଡାକ ସେବକ ପୋଷ୍ଟମ୍ୟାନ୍ ବା ଡାକପିଅନ ଜଣକ ଭିନ୍ନ ଉଦ୍ଦେଶ୍ୟ ରଖି ଲାଞ୍ଚଖୋର ମନୋଭାବ ହୋଇ ଅପରପକ୍ଷଙ୍କ ପ୍ରରୋଚନାରେ କୋର୍ଟଙ୍କ ନୋଟିସ୍ ବାବଦରେ ପ୍ରତିବାଦୀଙ୍କୁ କୌଣସି ସୂଚନା ଦେଇ ନଥିଲେ। ଡାକ ପିଅନ ଜଣଙ୍କ ପ୍ରତିବାଦୀମାନେ କୋର୍ଟଙ୍କ ନୋଟିସ୍‌କୁ ଗ୍ରହଣ କରିବାକୁ ମନା କରିଦେଲେ ବୋଲି ପିଅନ ଜଣଙ୍କ ଅଦାଲତକୁ ଲିଖିତ ଜଣାଇଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା, କଳ୍ପିତ ଓ ଭିତ୍ତିହୀନ ବୋଲି ସମାଜସେବୀ ସୁକାନ୍ତ ସେଠୀ ଲିଖିତ ଭାବେ ଗୋପାଳପୁର ପୋଷ୍ଟମାଷ୍ଟରଙ୍କୁ ଜଣାଇବାରୁ ଏପରି ଏକ ଅଭାବନୀୟ ଘଟଣା ଅଭିଯୋଗକୁ ଗୁରୁତ୍ୱର ସହିତ ବିଚାରକୁ ନେଇ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି।

# ଅସ୍ତିତ୍ୱ ହରାଇଛି ଚୌଦ୍ୱାରର ଗାନ୍ଧୀଛକ

ଚୌଦ୍ୱାର, ୧୦।୬(ସମିସ)




- ନାହିଁ ଯାତ୍ରୀ ବିଶ୍ରାମାଗାର
- ସୌନ୍ଦର୍ଯ୍ୟ ହରାଉଛି ଐତିହାସିକ ଛକ

ଚୌଦ୍ୱାରର ମୁଖ୍ୟ ଆକର୍ଷଣ ତଥା ପ୍ରମୁଖ ଯୋଗାଯୋଗର ସ୍ଥଳ ଗାନ୍ଧୀଛକ; ଯାହା କି ଏବେ ନିଜର ସ୍ଥିତି ହରାଇ ସାରିଛି। ଗାନ୍ଧୀଛକ ଚୌଦ୍ୱାର ଶିଳ୍ପାଞ୍ଚଳର ଅନ୍ୟତମ ପରିଚୟ ହୋଇଥିବାବେଳେ ପ୍ରଶାସନର ଉଦାସୀନତା ଯୋଗୁଁ ସେହି ପରିଚୟକୁ ହଜିଯାଇଛି। ଏକଦା ଏହି ଗାନ୍ଧୀଛକ ଗମନାଗମନର ଏକ ପ୍ରକୃଷ୍ଟସ୍ଥଳ ହୋଇଥିବାବେଳେ ଏବେ କିନ୍ତୁ ଏହା ଇତିହାସ ପାଲଟି ଯାଇଛି। ଦୀର୍ଘ ଦିନ ପରେ ଏହି ରାସ୍ତାଦେଇ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଏଠାରେ ଗାନ୍ଧୀଛକ କାହିଁ ବୋଲି ଖୋଜୁଥିବା ଦେଖିବାକୁ ମିଳିଛି। କେବଳ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ଏହି ସ୍ଥାନ ଏବେ ନିଜର ସତ୍ତା ହରାଇଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ ଯେ ୧୯୪୭-୫୦ ମସିହା ମଧ୍ୟରେ ନିର୍ମାଣ ହୋଇଥିଲା ଏସିଆ ମହାଦେଶର ଏକ ସ୍ୱତନ୍ତ୍ର ବୟନ ଶିଳ୍ପ ଓଡ଼ିଶା ଟେକ୍ସଟାଇଲ ମିଲ। ଏହି ଶିଳ୍ପଟିକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ଏହାପରେ ଏହି ବାଟ ଦେଇ କଟକ ସମ୍ବଲପୁର ଜାତୀୟ ରାଜପଥ ମଧ୍ୟ ନିର୍ମାଣ ହୋଇଥିଲା। ଲୋକଙ୍କ ଆବଶ୍ୟକତା ତଥା ଗମନାଗମନର ସୁବିଧା ପାଇଁ ଗାନ୍ଧୀଛକର ପ୍ରତିଷ୍ଠା ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଲୋକ ଚୌଦ୍ୱାର ଆସୁଥିବାବେଳେ ଏହି ଗାନ୍ଧୀଛକ ହିଁ ସେମାନଙ୍କ ଗମନାଗମନର ଉପଯୁକ୍ତ ସ୍ଥଳ ପାଲଟିଗଲା। ଏହି ଛକରେ ଜାତୀର ପିତା ମହାତ୍ମାଗାନ୍ଧୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଶୋଭା ପାଉଥିବାବେଳେ ଯାତ୍ରୀ ବିଶ୍ରାମଗାରରେ ଦୂରଦୁରାନ୍ତକୁ ଯିବାଆସିବା କରୁଥିବା ଲୋକେ କିଛି କ୍ଷଣ ଥକ୍କା ମେଣ୍ଟାଉଥିଲେ। ଏଥିସହିତ ସେଠାରେ ବିଭିନ୍ନ ବସକୁ ଅପେକ୍ଷା କରୁଥିଲେ। ଲୋକଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଇମ୍ପା କମ୍ପାନୀ ପକ୍ଷରୁ ସେଠାରେ ଏକ ଥଣ୍ଡା ପାନୀୟଜଳ କେନ୍ଦ୍ରଟିଏ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ଏହି ରାଜପଥର ସମ୍ପ୍ରସାରଣ ସମୟରେ ଏସବୁକୁ ଭାଙ୍ଗି ଦିଆଯାଇଥିବାବେଳେ ଗାନ୍ଧୀଛକର ଅସ୍ତିତ୍ୱକୁ ମଧ୍ୟ ହଜାଇ ଦିଆଗଲା। ଫ୍ଲାଏଓଭର ସଡ଼କ ନିର୍ମାଣ ସହ ଉଭୟ ପଟରେ ସର୍ଭିସ ରୋଡ ମଧ୍ୟ ନିର୍ମାଣ କରାଗଲା। ହେଲେ ଏହି ଗାନ୍ଧୀଛକର ସ୍ମୃତି ରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଗଲା ନାହିଁ। ଏଠାରେ ଥିବା ଗାନ୍ଧୀମୂର୍ତ୍ତିଙ୍କୁ ସ୍ଥାନାନ୍ତର କରିବା ନିମନ୍ତେ ଏକ କୋଣକୁ ଠେଲି ଦିଆଯାଇଛି। ଏହି ଗାନ୍ଧୀଛକଠାରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ବିଜୁପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ପ୍ରତିଷ୍ଠା କରାଯାଇଛି। ହେଲେ କଟକରୁ ବିରୂପା ନଦୀ ଦେଇ ଚୌଦ୍ୱାର ସଂଯୋଗ କରୁଥିବା ରାସ୍ତା ଏହି ଗାନ୍ଧୀଛକରୁ ବାହାରିଥିବାବେଳେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ଚୌଦ୍ୱାର ପୌରପାଳିକା, ମୁନିସପାଲ ହାଇସ୍କୁଲ, ଥର୍ମାଲ, ବିରୂପା ବ୍ୟାରେଜ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଏହି ରାସ୍ତା ସଂଯୋଗ କରୁଥିବାବେଳେ ମଙ୍ଗୁଳି ଛକରୁ ସମ୍ବଲପୁର ପର୍ଯ୍ୟନ୍ତ ୫୫ନମ୍ବର ଜାତୀୟ ରାଜପଥ ଲମ୍ବିଯାଇଛି। ତେଣୁ ସମସ୍ତ ଦୃଷ୍ଟିରୁ ଏହି ଗାନ୍ଧୀଛକଟି ଗୁରୁତ୍ୱ ବହନ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନଥିବା ଦୁର୍ଭାଗ୍ୟଜନକ। ଏହି ଗାନ୍ଧୀଛକର ଐତିହ୍ୟକୁ ବଜାୟ ରଖିବା ସହ ଏହାର ସ୍ୱତନ୍ତ୍ର ସୌନ୍ଦର୍ଯ୍ୟକରଣ ପାଇଁ ଚୌଦ୍ୱାର ଅଞ୍ଚଳର ଜନସାଧାରଣ ଦାବି କରୁଛନ୍ତି।

## ହସ୍ପିଟାଲ୍ ପରିଦର୍ଶନ କଲେ ବିଧାୟକ



କିଶନନଗର, ୧୦।୬(ସମିସ): କଟକ ସଦର ଅଧୀନସ୍ଥ ରାମକୁମାରପୁରଠାରେ ଥିବା ଜୀବନଜ୍ୟୋତି ହସ୍ପିଟାଲ୍‌କୁ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ପରିଦର୍ଶନ କରି ରୋଗୀମାନଙ୍କୁ ଭେଟିବା ସହ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ବୁଝିଥିଲେ। ହସ୍ପିଟାଲରର ସ୍ୱାସ୍ଥ୍ୟସେବା, ବିଭିନ୍ନ ପରୀକ୍ଷା ନିରୀକ୍ଷା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସେ ଉପସ୍ଥିତ ସ୍ୱତ୍ତ୍ୱାଧିକାରୀ, ଡାକ୍ତର ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। କିଶୋର ନଗର ମଣ୍ଡଳ ବିଜେପି ସଭାପତି ଚିତ୍ତରଞ୍ଜନ ସାହୁ, ଆମ୍ବ ସଭାପତି ରମାପ୍ରସାଦ ବିଶ୍ୱାଳ, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସାଧୁ ଜେନା, ବିମଳ ପଣ୍ଡା, ଦେବେନ୍ଦ୍ର ଜେନା, କେଳୁଚରଣ ମାହାଳି, ସରପଞ୍ଚ ଅବ୍‌ଦୁଲ୍ ୱାହିଦ୍ ଖାନ୍, ରତ୍ନାକର ରାଉତ, ସମୀର ସେନାପତି, ଲ୍ୟାକତ ଅଲ୍ଲୀ ଖାଁ, ହସ୍ପିଟାଲ୍ ସ୍ୱତ୍ତ୍ୱାଧିକାରୀ ଲକ୍ଷ୍ମୀକାନ୍ତ ନାୟକ, ଡ଼ା ଉମେଶ ପାଣିଗ୍ରାହୀ, ଡା ଗିରିଶ ଭଞ୍ଜ, ଡ଼ା ରାଜେଶ କୁମାର କୁଅଁର, ଫର୍ମାସିଷ୍ଟ ଜିତେନ୍ଦ୍ର କୁମାର ନାୟକ, ନର୍ସ ସରସ୍ୱତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁଳି ଯୋଗାଣ ଦାବିରେ ରାସ୍ତାରୋକ

ଆଠଗଡ଼, ୧୦।୬(ସମିସ): ଗତ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଆଠଗଡ଼ ୧ ନମ୍ବର ୱାର୍ଡ ଗୁହାଳପଡ଼ିଆଠାରେ ଗଛ ଭାଙ୍ଗି ବିଦ୍ୟୁତ୍ ଲାଇନ୍ ଛିଣ୍ଡି ବିଜୁଳି ଯୋଗାଣ ବ୍ୟାହତ ହୋଇଥିଲା। ସେହି ଅଞ୍ଚଳର ଲୋକେ ଆଜିକୁ ତିନିଦିନ ହେଲା ଅନ୍ଧାରରେ ରହିଥିଲେ। ଜଳଯୋଗାଣ ବ୍ୟାହତ ହେବାରୁ ଲୋକେ ପାଣି ବିନା ଅସୁବିଧାର ସମ୍ମୁଖୀନ ହେଉଥିଲେ।



ଏନେଇ ବାରମ୍ବାର ବିଦ୍ୟୁତ ବିତରକ ସଂସ୍ଥା ଟାଟା ପାୱର ସହ ଯୋଗାଯୋଗ କଲେ ମଧ୍ୟ ସୁଫଳ ନମିଳିବାରୁ ପ୍ରଚଣ୍ଡ ଗରମ ଗୁଳୁଗୁଳିରେ ଅତିଷ୍ଠ ଜନସାଧାରଣ ଆଜି ବୁଧବାର ପୂର୍ବାହ୍ନରେ ତୁରନ୍ତ ବିଜୁଳି ଯୋଗାଣ ଦାବିରେ ଗୁହାଳ ପଡ଼ିଆଠାରେ ରାଜା ଆଠଗଡ଼- ନରସିଂହପୁର ରାସ୍ତାରେ ଗଛପକାଇ ରାସ୍ତାରୋକ କରିଥିଲେ। ନାରାୟଣ ନାୟକ, ଦୀନବନ୍ଧୁ ନାୟକ ଓ ଶୁଲେଇ ନାୟକ ପ୍ରମୁଖ ରାସ୍ତାରୋକର ନେତୃତ୍ୱ ନେଇଥିଲେ। ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଘଟଣାସ୍ଥଳରେ ବୁଝାସୁଝା କରିବା ସହିତ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଟାଟା ପାୱାରର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପହଞ୍ଚି ତୁରନ୍ତ ଭାଙ୍ଗି ପଡ଼ିଥିବା ଲାଇନକୁ ମରାମତି କରି ବିଜୁଳି ଯୋଗାଣ ସ୍ୱାଭାବିକ କରିବା ପରେ ରାସ୍ତାରୋକ ହଟିଥିଲା।

- ସାମ୍ବାଦିକ ଲକ୍ଷ୍ମଣ ଦାସ ଓ କ୍ୟାମେରାମ୍ୟାନଙ୍କ ଉପରେ ମରଣାନ୍ତକ ଆକ୍ରମଣ

## ସାଲେପୁର ଏସ୍‌ଡିପିଓଙ୍କୁ ସଂଘ ପକ୍ଷରୁ ଦାବିପତ୍ର

ସାଲେପୁର, ୧୦।୬(ସମିସ): ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟ ତଥା କଳିଙ୍ଗ ଟିଭିର ସାମ୍ବାଦିକ ଲକ୍ଷ୍ମଣ ଦାସ ଏବଂ ନ୍ୟୁଜ୍ ୭ର କ୍ୟାମେରାମ୍ୟାନ୍ ସଞ୍ଜୟ ବେହେରାଙ୍କୁ ନେମାଳ ଥାନା ନରେନ୍ଦ୍ର ଫାଣ୍ଡି ଗଡ଼ିଜଙ୍ଗଠାରେ ୫/୬ଜଣ ଅସାମାଜିକ ଯୁବକ ବାଇକରୁ ଘୋଷାଡ଼ି ନେଇ ଲୁହା ରଡ୍ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିଯିବାରୁ ଦୁର୍ବୃତ୍ତମାନେ ସେଠାରୁ ଖସିପଳାଇଥିଲେ। ଏହି ଘଟଣାରେ ଲକ୍ଷ୍ମଣ ଦାସ ଗୁରୁତର ଥିବାବେଳେ ବର୍ତ୍ତମାନ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ନେମାଳ ଥାନାରେ ଲକ୍ଷ୍ମଣ ଦାସ ଏତଲା ଦେଇଥିବାବେଳେ ଏପର୍ଯ୍ୟନ୍ତ ପୁଲିସ କାହାକୁ ଗିରଫ କରି ନଥିବାରୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଏସ୍‌ଡିପିଓ ବିରଞ୍ଚିନାରାୟଣ ପତିଙ୍କୁ ତାଙ୍କ କାର୍ଯ୍ୟାଳୟରେ ବୁଧବାର ସାକ୍ଷାତ କରି ଏହି ଘଟଣାରେ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଏହି ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ସାଲେପୁର ଏସ୍‌ଡିପିଓ ଦୁର୍ବୃତ୍ତମାନେ ଖସିଯାଇପାରିବେ ନାହିଁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଗଣମାଧ୍ୟମ ପ୍ରତିନିଧିମାନେ ସେଠାରୁ ଫେରିଆସିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ଦାଶ, ସମ୍ପାଦକ ହୃଷିକେଶ ମଲ୍ଲିକ, ଉପସଭାପତି ଦୀପକ କୁମାର ଦାସ, ମହାସଚିବ ମନୋଜ କୁମାର ଆଚାର୍ଯ୍ୟ,



କୋଷାଧ୍ୟକ୍ଷ ସୁଧିର କୁମାର ଶତପଥି, ହେମନ୍ତ କୁମାର ଭୂୟାଁ, ମହେଶ୍ୱର ବେହେରା, ପ୍ରଦୀପ୍ତ କୁମାର କର, ଡଃ ଯୁଧିଷ୍ଠିର ଖଟୁଆ, ସମ୍ବିତ କୁମାର ଦାସ, ସୁଜିତ୍ କୁମାର ଭୂୟାଁ, କେଦାର ନାୟକ, ରଘୁନାଥ ପାତ୍ର, ରଞ୍ଜନ କୁମାର ନାୟକ, ଅନନ୍ତ ଚରଣ ଦାଶ, ଯଜ୍ଞେଶ୍ୱର ବିଶ୍ୱାଳ, ରେହେମାନ୍ ଖାଁ, ଶିଶୁକୃଷ୍ଣ ନନ୍ଦଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଡ. ମନୋରମା ମହାପାତ୍ରଙ୍କ ସ୍ମୃତିସଭା

ଆଠଗଡ଼, ୧୦।୬ (ସମିସ): ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା, ସୁବକ୍ତା, ଶିକ୍ଷାବିତ, ପ୍ରବୀଣ ସାମ୍ବାଦିକ, ସମାଜସେବୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସ୍ୱର୍ଗତ ଡ.ମନୋରମା ମହାପାତ୍ରଙ୍କ ୯୨ତମ ଜୟନ୍ତୀ ଜନ୍ମମାଟି ଆଠଗଡ଼ରେ ପାଳିତ ହୋଇଯାଇଛି। ଡ. ରାଧାନାଥ ରଥ ସ୍ମୃତି କମିଟି ଆନୁକୂଲ୍ୟରେ ଏବଂ ଆଠଗଡ଼ ସାହିତ୍ୟ ସମାଜ ଓ ଗଡ଼ଜାତ ପରିକ୍ରମାର ମିଳିତ ସହଯୋଗରେ ଗୋପବନ୍ଧୁ ମହିଳା କନିଷ୍ଠ କଲେଜରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀମତୀ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ କଲେଜ ପରିସରରେ ପ୍ରତିଷ୍ଠିତ ଶ୍ରୀମତୀ ମହାପାତ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ସମସ୍ତ ଅତିଥି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଧାନାଥ ରଥ ସ୍ମୃତି କମିଟିର ଉପଦେଷ୍ଟା ତଥା ଗଡ଼ଜାତ ପରିକ୍ରମାର ସଭାପତି ଆଇନଜୀବୀ ପ୍ରାଣକୃଷ୍ଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଆଠଗଡ଼ ସାହିତ୍ୟ ସମାଜର ସଭାପତି ସୁରେଶଚନ୍ଦ୍ର ପରିଡ଼ା, ଗଡ଼ଜାତ ପରିକ୍ରମାର ସମ୍ପାଦକ ଲଲାଟେନ୍ଦୁ ସେନାପତି, କବି



ଡ.ଶରତଚନ୍ଦ୍ର ମାଝି, ଶିକ୍ଷାବିତ ପ୍ରମୋଦ କୁମାର ବିଶୋଇ, ସମାଜସେବୀ ସୁବାସ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବି ଡ. ମାଝିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଉପସ୍ଥିତ ବହୁ କବି ଶ୍ରୀମତୀ ମହାପାତ୍ରଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ସ୍ମୃତି କମିଟିର ଆବାହକ ସୁଧିରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ ସମାଜର ସଦସ୍ୟ କବି ବିଷ୍ଣୁପ୍ରସାଦ ଦାସ, ଗଡ଼ଜାତ ପରିକ୍ରମାର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗ୍ରାଜୁଏଟ୍ସ କ୍ଲବର ସଦସ୍ୟ ଆଲୋକ ପଟ୍ଟନାୟକ, ପ୍ରମୋଦ କୁମାର ଜେନା, ଅଶୋକ ପ୍ରଧାନ, ଯଶୋବନ୍ତ ବାରିକ, ମହିଳା କନିଷ୍ଠ କଲେଜ କ୍ରୀଡା ପ୍ରଶିକ୍ଷିକା ବିଜୟାଲକ୍ଷ୍ମୀ ମହାନ୍ତି ପ୍ରମୁଖ ଶ୍ରୀମତୀ ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗଡ଼ଜାତ ପରିକ୍ରମାର ସଦସ୍ୟ ଗଣେଶ ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ଲୁଟ୍: ଲୁଟିନେଲେ ୧୫ ହଜାର ଟଙ୍କା

ନରସିଂହପୁର, ୧୦।୬(ସମିସ): ନରସିଂହପୁର ଅଞ୍ଚଳରେ ସାଇବର ଲୁଟେରାଙ୍କ ବୃଦ୍ଧି ପାଉଛି। ୫ହଜାର ଟଙ୍କାରେ ନୂଆ ଏସି ବିକ୍ରି ବାହାନା କରି ଲୁଟେରାମାନେ ବିଭିନ୍ନ ସୂଚନା ୱାଟସଆପରେ ଦେଇ ୨ଜଣଙ୍କଠାରୁ ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ୱାଟସଆପ ଡ଼ିପିରେ ନିଜିଗଡ଼ ଗ୍ରାମର ମହିମା ମହାପାତ୍ରଙ୍କ ଫଟୋରଖି ୫ହଜାର ଟଙ୍କାରେ ନୂଆ ଏସି ମିଳିବ କହି ନରସିଂହପୁର ଅଞ୍ଚଳର ୨ଜଣଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଜଣେ ମହିଳା ଏବଂ ପୁରୁଷଙ୍କଠାରୁ ୧୫ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। କୌଣସି ଅଜଣା ନମ୍ବରରୁ ଯଦି ସେମିତି କିଛି ମେସେଜ ଆସିଲେ ତାର ପ୍ରତିଉତ୍ତର ନଦେବାକୁ ନରସିଂହପୁର ଥାନାଧିକାରୀ ତପନ କୁମାର ପତି ଅଞ୍ଚଳବାସୀଙ୍କୁ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ଆଠଗଡ଼, ୧୦।୬(ସମିସ): ୫୫ ନଂ ରାଜ୍ୟ ରାଜପଥରେ ଦୁର୍ଘଟଣା ଘଟି ଗୁରୁତର ଅବସ୍ଥାରେ ଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ବୁଧବାର ରାତି ପ୍ରାୟ ୮ଟାରେ ଅନୁଗୋଳ ଜିଲ୍ଲା ବଅାଁରପାଳ ଥାନା ଝଜିରୀ ଗାଁର ପ୍ରସନ୍ନ ପ୍ରଧାନଙ୍କ ପୁଅ ରାଜେନ୍ଦ୍ର (୩୧) ଏକ ମୋଟର ସାଇକଲ ଯୋଗେ କଟକରୁ ଗ୍ରାମକୁ ଫେରୁଥିଲେ। ୫୫ ନଂ ଜାତୀୟ ରାଜପଥ କଟକ-ସମ୍ବଲପୁରର ଖୁଣ୍ଟୁଣୀ ଥାନା ପାନିଆମା (ପୁରୁଷୋତ୍ତମପୁର)ଠାରେ ରାସ୍ତାକଡ଼ରେ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଆହତ ରାଜେନ୍ଦ୍ରଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ବେଳେ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚିଥିଲେ। ଆଠଗଡ଼ ଥାନା ଆଇଆଇସି ସୁମତୀ କୁମାରୀ ମହାନ୍ତି ପୁଲିସ୍ କର୍ମଚାରୀଙ୍କ ଶବ ଜବତ କରି ତଦନ୍ତ କରିଛନ୍ତି।

## ଅସୁସ୍ଥ ହାତୀକୁ ପୁଣି ଟ୍ରାଙ୍କୁଲାଇଜ୍ କଲା ବନବିଭାଗ

ନରସିଂହପୁର, ୧୦।୬ (ସମିସ): ନରସିଂହପୁର ଜଙ୍ଗଲରେ କିଛିଦିନ ପୂର୍ବରୁ ଦୁଇ ହାତୀଙ୍କ ମଧ୍ୟରେ ସଂଘର୍ଷ ଘଟି ଗୋଟିଏ ହାତୀ ଅସୁସ୍ଥ ହୋଇଥିଲା। ଏହି ଅସୁସ୍ଥ ହାତୀର ଚିକିତ୍ସା ପାଇଁ କିଛିଦିନ ପୂର୍ବରୁ ଟ୍ରାଙ୍କୁଲାଇଜ କରାଯାଇଥିଲା। ବନବିଭାଗ ପକ୍ଷରୁ ଆଜି ପୁଣି ଥରେ ଟ୍ରାଙ୍କୁଲାଇଜ କରି ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ଆହତ ଦନ୍ତାହାତୀର ପୂର୍ବରୁ ଗୋଟିଏ ଦାନ୍ତ ନଥିବା ବେଳେ ଗୋଟିଏ ଆଖିକୁ ଭଲଭାବେ ଦେଖାଯାଏନି। ଦନ୍ତା ହାତୀକୁ ଆଉ ଏକ ଦନ୍ତା ହାତୀ ଆକ୍ରମଣ କରିଥିବାରୁ ଗୁରୁତର ଆହତ ହୋଇଥିଲା। ହାତୀର ପଛ ଗୋଡ ସହିତ ଶରୀରର ଏହି ସ୍ଥାନରେ ଗଭୀର ଆଘାତ ଲାଗିଛି। କପିଳାସ ଓ ଆଠଗଡ଼ ବନ ବିଭାଗର ଦୁଇଟି ଟିମ୍ ସହ ନରସିଂହପୁର ବନ ବିଭାଗ ମିଳିତ ସହଯୋଗରେ ନରସିଂହପୁର ପୂର୍ବ ବନ ବିଭାଗ ଅଧୀନ ଓଲବ ଚଡରାପଦା, ଗୁପ୍ତମାଣିକ ବିଟ୍ ବଉଁଶପାଳ ଗ୍ରାମ୍ୟ ଜଙ୍ଗଲ ନିକଟରେ ହାତୀକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରାଯାଇଥିଲା। ହାତୀର ଅଧିକ ଚିକିତ୍ସା ପାଇଁ ପୂର୍ବ ବନବିଭାଗ ଅଧୀନସ୍ଥ ନୂଆଗଡ଼ ଜଙ୍ଗଲରେ ଆଉଥରେ ଟ୍ରାଙ୍କୁଲାଇଜ କରାଯାଇଛି। ହାତୀଟି ସୁସ୍ଥ ଅଛି ବୋଲି ରେଞ୍ଜର କୁଳେଶ ସାହୁ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ନରସିଂହପୁର, ୧୦।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଜୟମଙ୍ଗଳପୁର (ଜିଲିଣ୍ଡା) ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କର ୬୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ ଓ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇଁ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ଜୟପ୍ରକାଶ ରଥ, ସମ୍ପାଦକ ରଜନୀ କାନ୍ତ ମିଶ୍ର, ସଂଘ ସଦସ୍ୟ ମୁରଲୀ ଗୋଚ୍ଛାୟତ, ବସନ୍ତ କୁମାର କର, ଯୋଗେଶ୍ୱର ସାହୁ, ଲକ୍ଷ୍ମଣ ସାମଲ ଓ ବସନ୍ତ କୁମାର ପରିଡ଼ା ଶେଷ ଦର୍ଶନ କରିବା ସହ ଜାତୀୟ ପତାକା ସହ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଦୁଃଖିଶ୍ୟାମ ମୁଖାଗ୍ନି ଦେଇଥିଲେ।

## ନୂଆଗଡ଼ ବନ୍ଧରେ ହାତୀଙ୍କ ଜଳକ୍ରୀଡ଼ା



ତିଗିରିଆ, ୧୦।୬(ସମିସ): ତିଗିରିଆ ବନଖଣ୍ଡ ଅଧୀନ ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ଥିବା ନୂଆଗଡ଼ ବନ୍ଧରେ ବୁଧବାର ଅପରାହ୍ନରେ ଏକାଧିକ ହାତୀ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହାତୀମାନେ ପ୍ରାୟତଃ ଅପରାହ୍ନରେ ବନ୍ଧକୁ ଆସି ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ବନ ବିଭାଗ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା ବେଳେ ହାତୀଙ୍କୁ ଦେଖିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମୁଛି।

## ପତ୍ନୀଙ୍କୁ ତରଳ ପଦାର୍ଥ ଫିଙ୍ଗି ସ୍କୁଟି ଛଡ଼ାଇ ନେଲେ ପତି

ନିଶ୍ଚିନ୍ତକୋଇଲି, ୧୦।୬(ସମିସ): ନିଶ୍ଚିନ୍ତକୋଇଲି ଥାନାଞ୍ଚଳରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କ ଉପରେ ତାଙ୍କ ପତି ତରଳ ରାସାୟନିକ ପଦାର୍ଥ ଫିଙ୍ଗି ତାଙ୍କଠାରୁ ଏକ ସ୍କୁଟି ଛଡ଼ାଇ ନେଇଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି। ସକାଳ ୮ଟା ସମୟରେ ବ୍ଲକରେ ସୁଭଦ୍ରା ଯୋଜନାରେ ଡାଟା ଏଣ୍ଟ୍ରି ଅପରେଟର ନିର୍ମଳା ଲେଙ୍କା ଅଫିସ ଯାଉଥିଲେ। ଏହି ସମୟରେ ନିଶ୍ଚିନ୍ତକୋଇଲି ବ୍ଲକ ରାସ୍ତାର ସେବାସମବାୟ ସମିତି ନିକଟରେ ତାଙ୍କ ସ୍ୱାମୀ ରାକେଶ ରାଉତ ଝିଅ ପିଲାଙ୍କ ପୋଷାକ ପିନ୍ଧି ମୁହଁରେ ଓଢ଼ଣୀ ଗୁଡାଇ ହୋଇ ନିର୍ମଳାଙ୍କ ଗାଡିକୁ ଅଟକାଇଥିଲେ। ରାକେଶ ଏକ ବୋତଲରେ ଆଣିଥିବା ତରଳ ପଦାର୍ଥ ତାଙ୍କ ଉପରକୁ ଫିଙ୍ଗି ଭୟଭୀତ କରାଇ ଗାଡିକୁ ନେଇ ଦ୍ରୁତ ଗତିରେ କଟକ-ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ଆଡକୁ ପଳାଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା କେତେକ ଲୋକ ରାକେଶ ପଛେ ପଛେ ଯାଇ ସୁକରପଡ଼ା ବଜାର ନିକଟରୁ ତାକୁ ଧରି ଆଣି ପୁଲିସ ଜିମା ଦେଇଥିଲେ। ଏହି ତରଳପଦାର୍ଥ ମାଡ଼ରେ ନିର୍ମଳାଙ୍କ ବିଶେଷ କ୍ଷତି ହୋଇ ନଥିଲା ବେଳେ ତାଙ୍କ ସ୍କୁଟିରେ ତରଳପଦାର୍ଥ ପଡ଼ିଥିବାରୁ ସଙ୍ଗେ ସଙ୍ଗେ ସ୍କୁଟିର ବହୁତ ଜାଗାରୁ ରଙ୍ଗ ଛାଡିଯାଇଥିବା ଦେଖାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଏହି ଥାନା ଅଧୀନସ୍ଥ ନତକାଇ ଗ୍ରାମର ରାକେଶ ବିଗତ ୧୪ ବର୍ଷ ତଳେ ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମର ନିର୍ମଳାଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୧୩ ବର୍ଷର ପୁତ୍ର ସନ୍ତାନ ମଧ୍ୟ ରହିଛି। ହେଲେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିଗତ ୨ ବର୍ଷ ହେବ ମନାନ୍ତର ମତାନ୍ତର ହେବାରୁ ନିର୍ମଳା ଏବେ ତାଙ୍କ ବାପଘରେ ରହୁଛନ୍ତି। ପତ୍ନୀଙ୍କ ଅନୁପସ୍ଥିତି ଯୋଗୁଁ ପତି ରାକେଶ କ୍ରୋଧାନ୍ୱିତ ହୋଇ ଏଭଳି କାଣ୍ଡ ଘଟାଇଛି। ପତ୍ନୀର ଅଭିଯୋଗକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ପୁଲିସ ରାକେଶକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ରାକେଶ ବ୍ୟବହାର କରୁଥିବା ତରଳ ପଦାର୍ଥର ବୋତଲ, ଝିଅ ପିଲାଙ୍କ ପୋଷାକ, ବାଇକ ଓ ସ୍କୁଟିକୁ ପୁଲିସ ଜବତ କରିଛି।



## ତେନ୍ତୋଳରେ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର

ସାଲେପୁର, ୧୦।୬(ସମିସ): ସାଲେପୁର ବ୍ଲକର ତେନ୍ତୋଳ ପଞ୍ଚାୟତର ତେନ୍ତୋଳ ଗ୍ରାମର ବସନ୍ତ ଦତ୍ତଙ୍କ ପତ୍ନୀ ବାସନ୍ତୀ (୩୫) କୌଣସି କାରଣରୁ ତାଙ୍କ ଘର ଭିତରେ ଥିବା ଫ୍ୟାନ୍‌ରେ ରଶି ଲଗାଇ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ନେଇ ସାଲେପୁର ପୁଲିସ ପକ୍ଷରୁ ଥାନା ଅଧିକାରୀ ମହେଶ୍ୱର ବେହେରା ଓ ସବ୍‌ଇନସ୍ପେକ୍ଟର ପ୍ରଶାନ୍ତ ନାୟକ ପୁଲିସ ଟିମ୍ ସହ ସେଠାରେ ପହଞ୍ଚି ଶବକୁ ଜବତ କରିବା ସହ ପୋଷ୍ଟମର୍ଟମ କରିବାକୁ କଟକ ପଠାଇଛନ୍ତି। ଏହି ଘଟଣାରେ ସାଲେପୁର ପୁଲିସ କହିଛି ଯେ ଜିଲ୍ଲା କୁଆଖିଆ ଥାନା ଅଧିନ ଗୋପାଳପୁର ଗ୍ରାମର ମାୟାଧର ଦେଙ୍କ ଝିଅ ବାସନ୍ତୀଦତ୍ତ ତେନ୍ତୋଳ ଗ୍ରାମରେ ପାରମ୍ପରିକ ରୀତିରେ ବିବାହ କରି ଏଠାରେ ସ୍ୱାମୀ ବସନ୍ତ ଦତ୍ତଙ୍କ ସହ ରହୁଥିଲେ। ତାଙ୍କ ସ୍ୱାମୀ ମୋମୋ ବ୍ୟବସାୟ କରୁଥିବାବେଳେ କୌଣସି କାରଣରୁ ସ୍ୱାମୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିବା କୁହାଯାଇଛି। ଏହି ଘଟଣାରେ ବାସନ୍ତୀଙ୍କ ବଡ଼ଭାଇ ସାଲେପୁର ଥାନାରେ ପହଞ୍ଚି ତାଙ୍କ ଭଉଣୀକୁ ତାଙ୍କ ଶଶୁର ଘର ଲୋକ ନିର୍ଯ୍ୟାତନା ଦେଇ ମାରିଦେଇଥିବା ନେଇ ଅଭିଯୋଗ କରିଛନ୍ତି। ପୁଲିସ ଏହି ଘଟଣାରେ ତଦନ୍ତ କରୁଛି।

### ନିଶ୍ଚିନ୍ତକୋଇଲି ପଞ୍ଚାୟତସମିତିର ସପ୍ତମ ବୈଠକ

## ଜନପ୍ରତିନିଧିଙ୍କ ଅଗୋଚରରେ ହେଉଛି ବିଜିବିଓ କାର୍ଯ୍ୟ

ନିଶ୍ଚିନ୍ତକୋଇଲି, ୧୦।୬(ସମିସ)



ନିଶ୍ଚିନ୍ତକୋଇଲି ପଞ୍ଚାୟତସମିତିର ସପ୍ତମ ବୈଠକ ବୁଧବାର ପୂର୍ବାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ସଂଯୋଜନା ଓ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଓ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଜନପ୍ରତିନିଧିମାନେ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଖୋଲାଖୋଲି ଭାବେ ଆଲୋଚନା କରିଥିଲେ। ବିଶେଷ କରି ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ଉପୁଜିଥିବା ନେଇ ବହୁ ସରପଞ୍ଚ ଅଭିଯୋଗ କରିଥିଲେ। ଗତ ୩ ମାସ ହେବ ଏହି ବ୍ଲକର ୪୧ଟି ପଞ୍ଚାୟତର ୧୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇପାରି ନଥିଲା ବେଳେ ୨୫୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ନୂତନ ଭତ୍ତା ପାଇବା ନିମନ୍ତେ ବିଗତ ୨ ବର୍ଷ ଧରି ଆବେଦନ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଯୋଗୁଁ ସାଧାରଣରେ ନାହିଁ ନଥିବା ଅସୁବିଧା ଭୋଗ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାଛଡା ଯେଉଁ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଯୋଜନାରେ ପକ୍କାଘର ଯୋଗାଇ ଦିଆଯାଇଛି ସେମାନଙ୍କୁ ସଠିକ୍ ସମୟରେ କିସ୍ତି ପ୍ରଦାନ କରାଯାଉନଥିବାରୁ କାର୍ଯ୍ୟର ଅଗ୍ରଗତି ହୋଇପାରୁ ନଥିବା ନେଇ ବହୁ ସରପଞ୍ଚ ପ୍ରଶ୍ନ ଉଠାଇଥିଲେ। ଏହାଛଡା ବିଜେପି ସରକାରର ବିକଶିତ ଗାଁ ବିକଶିତ ଓଡ଼ିଶା (ବିଜିବିଓ) ଯୋଜନାରେ ପଞ୍ଚାୟତରେ ହେଉଥିବା ଢଳେଇ ରାସ୍ତାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ପଞ୍ଚାୟତ ଜନପ୍ରତିନିଧିଙ୍କ ଅଗୋଚରରେ କରାଯାଉଥିବା ଏବଂ ତଦାରଖ ଅଭାବରୁ ଏହା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ମଧ୍ୟ ଅଭିଯୋଗ ଉଠିଥିଲା। ହେଲେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଏଭଳି ଅଭିଯୋଗର ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିବା ଦେଖାଯାଇଥିଲା। ଏହାଛଡା ମେଗା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ହେବାର ୧ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ବ୍ଲକର ନତକାଇ, ରାମକୃଷ୍ଣପୁର, ନିଶ୍ଚିନ୍ତକୋଇଲି, ବଡକ୍ଷୀର, ଜୟରାମପୁର, ଫଗୋଳ, ଜିଗ୍ନିପୁର ଆଦି ପଞ୍ଚାୟତଗୁଡିକରେ ପାଣି ପହଞ୍ଚି ନଥିବା ନେଇ ବହୁ ସରପଞ୍ଚ ଅଭିଯୋଗ କରିଥିଲେ। ସେହିପରି ପରିମଳ ବ୍ୟବସ୍ଥାରେ ମଧ୍ୟ ହିତାଧିକାରୀମାନେ କରିଥିବା ପାଇଖାନା ଗୁଡିକର ବିଲ୍ ହୋଇ ପାରୁନଥିବା ନେଇ ଅଭିଯୋଗ ହୋଇଥିଲା। ଚଳିତ ଖରିଫ ଧାନ ଚାଷ ପାଇଁ ସରକାରଙ୍କ ପକ୍ଷରୁ ମାଗଣା ଧଣ୍ଡିଚା ଓ ନଳିତା ମଞ୍ଜି ଯୋଗାଇ ଦିଆଯାଇଥିବା ବେଳେ ସେଗୁଡିକୁ ସଠିକ୍ ଭାବେ ପଞ୍ଚାୟତରେ ବଣ୍ଟନ କରାଯାଇ ନଥିବାରୁ ସଦର ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବେଆଇନ ଭାବେ ବିଭିନ୍ନ ସମୟରେ ଶିକ୍ଷକମାନଙ୍କୁ ବଦଳି କରାଯାଉଥିବାରୁ ଛାତ୍ର ଛାତ୍ରୀମାନଙ୍କୁ ସଠିକ୍ ଭାବେ ଶିକ୍ଷାଦାନ କରାଯାଉନଥିବା ନେଇ ଅଭିଯୋଗ ହୋଇଥିଲା। ଗତ ଷଷ୍ଠ ବୈଠକରେ ଜନପ୍ରତିନିଧିମାନେ ଯେଉଁ ପ୍ରସ୍ତାବ ଦେଇଥିଲେ ବ୍ଲକ ପ୍ରଶାସନ ପକ୍ଷରୁ ତାହା ଆଜି ପର୍ଯ୍ୟନ୍ତ ସଠିକ୍ ଭାବେ କରାଯାଇନଥିବା ବେଳେ ଏହି ବୈଠକରେ ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବ କେବେ କାର୍ଯ୍ୟକାରୀ ହେବ ସେ ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ବୈଠକରେ ବିଭିନ୍ନ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ସରପଞ୍ଚ, ସମିତିସଭ୍ୟ ସଭ୍ୟା ଏବଂ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ପୋଲିସ ବୈଠକରେ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ବିଡିଓ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୭୧ ● ପାଉଣ୍ଡ ୧୨୭.୦୯
- ୟୁରୋ ୧୦୯.୮୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୬,୪୫୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୩,୯୮୩.୦୦
- ନିଫ୍ଟି ୨୩,୨୧୪.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

### ପଶ୍ଚିମ ଏସିଆ ସଙ୍କଟ ଚାପ

# ବଢ଼ିବ ସାର ସବସିଡି ବିଲ୍

## ସବ୍‌ସିଡିରେ ୧୦୦% ବୃଦ୍ଧି ଦାବି

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):

ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସାରା ବିଶ୍ୱରେ ସାର ମୂଲ୍ୟ ବୃଦ୍ଧି ପାଇଛି। ଏଥିଯୋଗୁ ଭାରତରେ ସରକାରଙ୍କ ସାର ସବସିଡି ବିଲ୍ରେ ଅହେତୁକ ବୃଦ୍ଧି ହୋଇପାରେ। ଏହା ଭାରତରେ ୨୦୨୭ ଆର୍ଥିକବର୍ଷ ପାଇଁ ସାର ସରାକର ରଖିଥିବା ସବସିଡି ବିଲ୍ ୧.୭୧ ଲକ୍ଷ କୋଟି ବଜେଟ୍ ଆକଳନରୁ ଦୁଇ ଗୁଣ ହୋଇପାରେ। ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏହି ସୂଚନା ଦେଇଛନ୍ତି।



୨୦୨୭ରେ ୩ ଲକ୍ଷ କୋଟି ଟପିବ

୧.୭୧ ଲକ୍ଷ କୋଟି ବଜେଟ୍ ଆକଳନରୁ ଦୁଇ ଗୁଣ ହୋଇପାରେ

କେନ୍ଦ୍ର ସାର ଓ ରସାୟନ ମନ୍ତ୍ରଣାଳୟର ବିଭାଗର ଅଧିକାରୀମାନେ ଚଳିତବର୍ଷ ସବ୍ସିଡିରେ ୧୦୦ ପ୍ରତିଶତ ବୃଦ୍ଧି ଦାବି କରି ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ସହିତ ତିନୋଟି ବୈଠକ କରିସାରିଛନ୍ତି। ଯଦି ଏହିର ଦାବି ପୂରଣ ହୁଏ, ତେବେ ୨୦୨୭ ଆର୍ଥିକବର୍ଷରେ ସାର ସବସିଡି ପରିମାଣ ୩ ଲକ୍ଷ କୋଟି ଅତିକ୍ରମ କରିଯିବ। ଅଧିକାରୀ ଜଣକ କହିଛନ୍ତି, ସରକାର ତୈଳ ବିପଣନ କମ୍ପାନୀଗୁଡ଼ିକୁ ସୀମା ଶୁଳ୍କ ହ୍ରାସ ମାଧ୍ୟମରେ ୧.୨୩ ଲକ୍ଷ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଖୁଚୁରା ମୂଲ୍ୟ ବୃଦ୍ଧି ପୂର୍ବରୁ ୭୮ ଦିନ ଧରି ହୋଇଥିବା କ୍ଷତିର କ୍ଷତିପୂରଣ ପାଇଁ ଏହି ସହାୟତା ପ୍ରଦାନ କରାଯାଇଥିଲା। ଖୁଚୁରା ମୂଲ୍ୟ ବୃଦ୍ଧି ନ କରି ତୈଳ ବିପଣନ କମ୍ପାନୀଗୁଡ଼ିକୁ ଉଚ୍ଚ ଅଶୋଧିତ ତୈଳ ଦରରୁ କିଛି ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ସରକାର ମାର୍ଚ୍ଚ ଶେଷ ଭାଗରେ ପେଟ୍ରୋଲ ଏବଂ ଡିଜେଲ ଉପରେ ପ୍ରତି ଲିଟର ୧୦ ଟଙ୍କା ସୀମା ଶୁଳ୍କ ହ୍ରାସ କରିଥିଲେ। ତଥାପି, ତୈଳ ବିପଣନ କମ୍ପାନୀଗୁଡ଼ିକ ମେ' ମାସରୁ ଖୁଚୁରା ମୂଲ୍ୟ ବୃଦ୍ଧି କରିବା ଆରମ୍ଭ କରିଛନ୍ତି। ଅଧିକ ସାର ସବସିଡି ବିଲ୍ ଯୋଗୁଁ ବର୍ଦ୍ଧିତ ଖର୍ଚ୍ଚ ଏବଂ ଉତ୍ପାଦ ଶୁଳ୍କ ହ୍ରାସ ଯୋଗୁଁ ପ୍ରାୟ ୧.୨୩ ଲକ୍ଷ କୋଟିର ରାଜସ୍ୱ କ୍ଷତି ସରକାରଙ୍କ ଆର୍ଥିକ ଉପରେ ଚାପ ପକାଇଛି।

ଅଧିକାରୀ ଜଣକ କହିଛନ୍ତି ଯେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମଗ୍ର ବିପଣନ ବିଭାଗ ସହିତ ଏକ ବୈଠକ କରିଛନ୍ତି। ଏହି ବୈଠକ ପରେ, ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ପ୍ରତି ସପ୍ତାହରେ ଅଫର ଫର୍ ସେଲ୍ (ଓଏଫ୍ଏସ୍) ମାଧ୍ୟମରେ ବିଭିନ୍ନ ସାର୍ବଜନୀନ କ୍ଷେତ୍ର କମ୍ପାନୀରେ ସଂଖ୍ୟାଲଘୁ ଅଂଶଧନ ବିକ୍ରି କରିବା ଆରମ୍ଭ କରିଛି। ଅଧିକାରୀ ଜଣକ କହିଛନ୍ତି ଯେ ସୀତାରମଣ ପ୍ରତ୍ୟେକ ସୋମବାର ଡିଆଇପିଏଏମ୍ ସହିତ ପ୍ରଗତି ମୂଲ୍ୟାଙ୍କନ ପାଇଁ ସମୀକ୍ଷା ବୈଠକ ମଧ୍ୟ କରୁଛନ୍ତି। ଆର୍ଥିକ ବର୍ଷ ୨୦୨୬ରେ ଡିଆଇପିଏଏମ୍ ସାରା ବର୍ଷ କେବଳ ପାଞ୍ଚଟି ପିଏସୟୁରେ ଓଏଫଏସ୍ କରିଥିଲା, କିନ୍ତୁ ଆର୍ଥିକ ବର୍ଷ ୨୦୨୭ର ପ୍ରଥମ ତିନି ମାସରେ ଏହା ଚାରୋଟି ପିଏସୟୁରେ ଅଂଶଧନ ବିକ୍ରି କରିଛି। ଏହି ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୧୮,୫୩୩ କୋଟି ଟଙ୍କା ସଂଗ୍ରହ କରାଯାଇଛି, ଯାହା ସରକାରଙ୍କ ଅନ୍ୟାନ୍ୟ ପୁଞ୍ଜି ପ୍ରାପ୍ତି ପାଇଁ ଲକ୍ଷ୍ୟ ୮୦,୦୦୦ କୋଟି ଟଙ୍କାର ୨୩ ପ୍ରତିଶତ ପ୍ରତିନିଧିତ୍ୱ କରେ। ସରକାର ଆର୍ଥିକ ବର୍ଷ ୨୭ ପାଇଁ ୧୬.୯୬ ଲକ୍ଷ କୋଟି ଟଙ୍କାର ଆର୍ଥିକ ନିଅଣ୍ଟ ଲକ୍ଷ୍ୟ କିମ୍ବା ଜିଡିପିର ୪.୩ ପ୍ରତିଶତ ଧାର୍ଯ୍ୟ କରିଛନ୍ତି।

# ନୀତି ଆୟୋଗ ପରିଚାଳନା ପରିଷଦ ବୈଠକ ଆଜି

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ନୀତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଛି। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ହେବାକୁ ଥିବା ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିବେ। ଚଳିତ ବର୍ଷର ବିଷୟବସ୍ତୁ, 'ବିକଶିତ ଭାରତ@୨୦୪୭ ପାଇଁ ସମାବେଶୀ ମାନବ ବିକାଶ' ରହିଛି। ଏହି ପରିଚାଳନା ପରିଷଦ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନେ ଏକତ୍ର ମିଶି ସମାବେଶୀ ମାନବ ବିକାଶ ଢ଼ାଞ୍ଚା ଉପରେ ଆଲୋଚନା କରିବେ। ଏହା ଚାରୋଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ ଯଥା: ମୌଳିକ ମାନବ ପୁଞ୍ଜି ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା, ଉତ୍ପାଦକ ନିଯୁକ୍ତି, ଔଦ୍ୟୋଗିକତା ଏବଂ ବିକେନ୍ଦ୍ରୀକୃତ ଅଭିବୃଦ୍ଧି, ସ୍ୱାସ୍ଥ୍ୟ, ପୁଷ୍ଟି ତଥା କଲ୍ୟାଣ ଏବଂ ସମସ୍ତଙ୍କ ପାଇଁ ସମାନତା ଓ ମର୍ଯ୍ୟାଦା । ବୈଠକରେ ଦେଶବ୍ୟାପୀ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା, ଦକ୍ଷତା ବିକାଶକୁ ବୃଦ୍ଧି କରିବା ଏବଂ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପଦକ୍ଷେପଗୁଡିକ ଉପରେ ମଧ୍ୟ ଆଲୋଚନା ହେବ। ଆହୁରି ମଧ୍ୟ ଏହି ବୈଠକରେ ୨୦୨୫ ଡିସେମ୍ବର ୨୬ ରୁ ୨୮ ମଧ୍ୟରେ ଅନୁଷ୍ଠିତ ପଞ୍ଚମ ଜାତୀୟ ମୁଖ୍ୟ ସଚିବ ସମ୍ମିଳନୀର ସୁପାରିଶଗୁଡିକ ଉପରେ ମଧ୍ୟ ଧ୍ୟାନ ଦିଆଯିବ।

**ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ**

ଏଠାରେ ସୂଚନାଯୋଗ୍ୟ ଯେ, ପଞ୍ଚମ ଜାତୀୟ ମୁଖ୍ୟ ସଚିବ ସମ୍ମିଳନୀରେ ପ୍ରାରମ୍ଭିକ ଶୈଶବ ଶିକ୍ଷା: ଭିତ୍ତିଭୂମି ସ୍ଥାପନ, ବିଦ୍ୟାଳୟ ଶିକ୍ଷା: ଭିତ୍ତିଭୂମି ନିର୍ମାଣ,ଦକ୍ଷତା ବିକାଶ:ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି, ଉଚ୍ଚଶିକ୍ଷା: ଜ୍ଞାନ ଆଧାରିତ ଅର୍ଥନୀତି ଏବଂ କ୍ରୀଡା ତଥା ପାଠ୍ୟକ୍ରମ ବ୍ୟତୀତ ଶ୍ରେଣୀଗୃହ ବାହାରେ କାର୍ଯ୍ୟକଳାପ ଭଳି ପାଞ୍ଚଟି ମୁଖ୍ୟ ବିଷୟବସ୍ତୁ ଉପରେ ସୁପାରିଶ କରାଯାଇଥିଲା। ୧୧ତମ ପରିଚାଳନା ପରିଷଦ ବୈଠକରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ପରିଷଦର ଉପରାଜ୍ୟପାଳ/ପ୍ରଶାସକ, ପଦାଧିକାରୀ ସଦସ୍ୟ ଭାବରେ କେନ୍ଦ୍ର ମନ୍ତ୍ରୀ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ନୀତି ଆୟୋଗର ଉପାଧ୍ୟକ୍ଷ, ସଦସ୍ୟ ଏବଂ ସିଇଓ ମଧ୍ୟ ଯୋଗଦେବାରୁ କାର୍ଯ୍ୟକ୍ରମ ରହିଛି।

# ଏଏମ୍/ ଏନଏସ୍ ଇଣ୍ଡିଆ-ଆଇଆଇଟି ରୁରକି ବୁଝାମଣାପତ୍ର ସ୍ୱାକ୍ଷର




ଭୁବନେଶ୍ୱର, ୧୦।୬(ସମିସ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରୁରକି (ଆଇଆଇଟି ରୁରକି) ଶିକ୍ଷା, ଗବେଷଣା, ନବସୃଜନ ଏବଂ ଶିଳ୍ପକ୍ଷେତ୍ରରେ ସହଭାଗୀତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ସହଭାଗୀତା ଏଏମ୍/ ଏନଏସ୍ ଇଣ୍ଡିଆର ଶିଳ୍ପ ବିଶେଷଜ୍ଞତା ଏବଂ ବିଶ୍ୱବ୍ୟାପୀ ଉତ୍ପାଦନ କ୍ଷମତା ଏବଂ ଆଇଆଇଟି ରୁରକିର ଶିକ୍ଷାଗତ ଏବଂ ଗବେଷଣା ଉତ୍କର୍ଷତାକୁ ଏକତ୍ରିତ କରି ପ୍ରତିଭା ବିକାଶ, ପ୍ରୟୋଗାତ୍ମକ ଗବେଷଣା, ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ନବସୃଜନ ଏବଂ ଶିଳ୍ପ କ୍ଷେତ୍ରରେ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମଞ୍ଚ ପ୍ରଦାନ କରିବ। ଏମଓୟୁ ଅଧୀନରେ, ସହଭାଗୀମାନେ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅନୁସନ୍ଧାନ କରିବେ। ଏଏମ୍/ ଏନଏସ୍ ଇଣ୍ଡିଆ ପ୍ରତିଭା ବିକାଶ, ପ୍ରୟୋଗାତ୍ମକ ଗବେଷଣା, ନବସୃଜନ ଏବଂ ଶିଳ୍ପ ସମ୍ପୃକ୍ତିରେ ସହଭାଗୀତାର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଏହାର ଶିଳ୍ପ-ସମନ୍ୱିତ ଶିକ୍ଷା ପଦକ୍ଷେପ ନାମଟେକ (ନ୍ୟୁ ଏଜ୍ ମେକର୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି) କୁ ଏକ ମଞ୍ଚ ଭାବରେ ବ୍ୟବହାର କରିବ ବୋଲି ଏଏମ୍/ ଏନଏସ୍ ଇଣ୍ଡିଆ ର ସିଇଓ ଦିଲୀପ ଉମେନ କହିଛନ୍ତି।

# କ୍ୟାନନ 'ଡିପ୍ ଡାଇଭ୍ ୨.୦' ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଭାରତର ଅନ୍ୟତମ ଅଗ୍ରଣୀ ଡିଜିଟାଲ ଇମେଜିଂ କମ୍ପାନୀ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଶିକ୍ଷା ଅଭିଯାନ 'ଡିପ୍ ଡାଇଭ ୨.୦'ର ୨ୟ ସଂସ୍କରଣ ଶୁଭାରମ୍ଭ କରାଯାଇଛି। ଏହି ପ୍ରୋଗ୍ରାମ ଏବେ ଭୁବନେଶ୍ୱରରେ ପହଞ୍ଚିଛି, ଯାହା ଅଂଶଗ୍ରହଣକାରୀଙ୍କୁ କ୍ୟାନନର ଅତ୍ୟାଧୁନିକ ଇମେଜିଂ ଟେକ୍ନୋଲୋଜି ଏବଂ ରିଅଲ ୱାର୍ଲ୍ଡ ପ୍ରଡକ୍ସନ ଓ ପୋଷ୍ଟ ପ୍ରଡକ୍ସନ କାର୍ଯ୍ୟଗୁଡିକ ପାଇଁ ଏକ୍ସପୋଜର ପ୍ରଦାନ କରୁଛି। ଭାରତର ଭିଜୁଆଲ ଷ୍ଟୋରୀଟେଲିଂ ଇକୋସିଷ୍ଟମ ଏକ ଅଭୂତପୂର୍ବ ବେଗରେ ବୃଦ୍ଧି ପାଉଥିବାରୁ, ଏହି କ୍ଷେତ୍ର ଉଦୀୟମାନ ଚଳଚିତ୍ର ନିର୍ମାତା, ଫଟୋଗ୍ରାଫର ଓ ଭିଡିଓଗ୍ରାଫରଙ୍କ ପାଇଁ ପ୍ରଚୁର ସୁଯୋଗ ଉପସ୍ଥାପନ କରୁଛି। ଡିପ୍ ଡାଇଭ ୨.୦ କ୍ରିଏଟରମାନଙ୍କୁ ଭାରତର ଦ୍ରୁତ ବିକଶିତ କ୍ରିଏଟର ଅର୍ଥନୀତିରେ ସ୍ଥାୟୀ ଓ ପ୍ରଫେସନାଲ କ୍ୟାରିୟର ନିର୍ମାଣ କରିବା ପାଇଁ ସକ୍ଷମ କରିବ। ଏହି ପ୍ରୋଗ୍ରାମ କଲର ଗ୍ରେଡିଂ, ଏଲୟୁଟି ଓ ପୋଷ୍ଟ ପ୍ରଡକ୍ସନ ଟେକନିକଗୁଡିକ ଉପରେ ଲାଇଭ ପ୍ରଦର୍ଶନୀର ନେତୃତ୍ୱ ନେବା ପାଇଁ ବିବାହ, ସିନେମା ଓ ଫ୍ୟାଶନ ଫିଲ୍ମମେକିଙ୍ଗ ଶିଳ୍ପରୁ ପ୍ରତିଷ୍ଠିତ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଛି।

### ନିୟମ ଅନୁପାଳନରେ ବିଫଳ ସଂସ୍ଥା ବିରୋଧରେ ଆର୍‌ବିଆଇର କଠୋର କାର୍ଯ୍ୟାନୁଷ୍ଠାନ

# ୧୩୫ ଏନ୍‌ବିଏଫ୍‌ସିର ଲାଇସେନ୍ସ ବାତିଲ୍

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନ୍ବିଏଫ୍ସି)ଙ୍କ ବିରୁଦ୍ଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ଏକ କଠୋର ପଦକ୍ଷେପ ନେଇଛି। କେନ୍ଦ୍ରୀୟ ବ୍ୟାଙ୍କ ହଠାତ୍ ଦେଶବ୍ୟାପୀ ୧୩୫ ଏନ୍ବିଏଫ୍ସିର ପଞ୍ଜୀକରଣ ଲାଇସେନ୍ସ ବାତିଲ୍ କରିଛି। ଆର୍ଥିକ କ୍ଷେତ୍ରରେ ଅନୁପାଳନ ଏବଂ ନିୟାମକ ତଦାରଖକୁ ସୁଦୃଢ଼ କରିବା ଲାଗି ଅରର୍ବିଆଇ ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ଏକ ପ୍ରେସ୍ ବିଜ୍ଞପ୍ତିରେ, ଆର୍ବିଆଇ ସ୍ପଷ୍ଟ କରିଛି ଯେ ଏହି କାର୍ଯ୍ୟାନୁଷ୍ଠାନ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ, ୧୯୩୪ର ଧାରା ୪୫-ଆଇଏ (୬) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ନିଆଯାଇଛି। ନିୟମାବଳୀ ଅନୁପାଳନ କରିବାରେ ଏବଂ ନିୟାମକ ଆବଶ୍ୟକତା ପୂରଣ କରିବାରେ ବିଫଳ ହେଉଥିବା ସଂସ୍ଥାଗୁଡ଼ିକ ବିରୁଦ୍ଧରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା କେନ୍ଦ୍ରୀୟ ବ୍ୟାଙ୍କର ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କ୍ଷେତ୍ର (ଏନ୍ବିଏଫ୍ସି) ଉପରେ ଚାଲିଥିବା ତଦାରଖର ଏକ ପ୍ରମୁଖ ଅଂଶ। ପରିସଂଖ୍ୟାନ ଦୃଷ୍ଟିରୁ, ଏହି କାର୍ଯ୍ୟାନୁଷ୍ଠାନ ପଶ୍ଚିମବଙ୍ଗରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ଉପରେ ସର୍ବାଧିକ ପ୍ରଭାବ ପକାଇଛି, ବିଶେଷକରି କଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ। ରଦ୍ଦ କରାଯାଇଥିବା ୧୩୫ ଲାଇସେନ୍ସ ମଧ୍ୟରୁ ଅଧିକାଂଶ କମ୍ପାନୀ ପଶ୍ଚିମବଙ୍ଗରେ କାର୍ଯ୍ୟରତ।




ପଶ୍ଚିମବଙ୍ଗର ସବୁଠୁ ଅଧିକ କମ୍ପାନୀ

ଲାଇସେନ୍ସ ବାତିଲ କରାଯାଇଥିବା କିଛି ପ୍ରମୁଖ କୋଲକାତା-ଭିତ୍ତିକ କମ୍ପାନୀ ହେଉଛି, ଅକ୍ଷୟ ଫିସ୍କାଲ୍ ସର୍ଭିସେସ୍ ଲିମିଟେଡ୍, ଆଲଫା ଟାଇ-ଅପ୍ ପ୍ରାଇଭେଟ୍ ଲିମିଟେଡ୍, ଅରିହନ୍ତ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍, ଡେଷ୍ଟିନି ଇଣ୍ଟରନ୍ୟାସନାଲ୍ ଲିମିଟେଡ୍,ଇଟିଏଲ୍ ଇନଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍। ତେବେ ଆର୍ବିଆଇର କଡ଼ା କାର୍ଯ୍ୟାନୁଷ୍ଠାନ କେବଳ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସୀମିତ ନୁହେଁ। ଦେଶର ଅନେକ ରାଜ୍ୟର ଏନ୍ବିଏଫ୍ସି ମଧ୍ୟ ଏହି ନିୟାମକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅନ୍ୟ ପ୍ରଭାବିତ ରାଜ୍ୟ ଏବଂ ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରରେ ମୁମ୍ବାଇ-ଭିତ୍ତିକ ଏସେଲ ଫାଇନାନ୍ସ ବ୍ୟବସାୟ ଋଣ ଲିମିଟେଡ୍, ତେଲେଙ୍ଗାନାର ହାଇଦ୍ରାବାଦ-ଭିତ୍ତିକ ସିଟିୱାଇଡ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍, ତାମିଲନାଡୁର ଚେନ୍ନାଇ ଭିତ୍ତିକ କିରଣ ଗ୍ଲୋବାଲ୍ ବିଜନେସ୍ ଇନଭେଷ୍ଟମେଣ୍ଟ ଲିମିଟେଡ୍ ରହିଛନ୍ତି। ଏହାବ୍ୟତୀତ, ଦିଲ୍ଲୀ, ମଣିପୁର ଏବଂ ମଧ୍ୟପ୍ରଦେଶର କିଛି ଏନ୍ବିଏଫସି କମ୍ପାନୀର ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଛି। ଆରବିଆଇ ବିଜ୍ଞପ୍ତି ଅନୁଯାୟୀ, ଯେଉଁ କମ୍ପାନୀଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯାଇଛି ସେମାନେ ଆଉ କୌଣସି ପ୍ରକାରର ଏନବିଏଫସି ବ୍ୟବସାୟ କରିପାରିବେ ନାହିଁ। ଆରବିଆଇ ଆଇନ, ୧୯୩୪ର ଧାରା ୪୫-ଆଇ (କ) ଅନୁଯାୟୀ ସେମାନଙ୍କୁ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବାରୁ ସମ୍ପୂର୍ଣ୍ଣ ଆଇନଗତ ଭାବରେ ନିଷେଧ କରାଯାଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ଯେଉଁ ୧୩୫ କମ୍ପାନୀ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେମାନେ ମୂଳତଃ 1998 ରୁ 2022 ମଧ୍ୟରେ ସେମାନଙ୍କର ପଞ୍ଜିକରଣ ପ୍ରମାଣପତ୍ର ପାଇଥିଲେ, ଅର୍ଥାତ୍ ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଅନେକ ଦଶନ୍ଧି ଧରି ବଜାରରେ କାର୍ଯ୍ୟ କରୁଥିଲେ।

### ୪୫୦ କୋଟି ଟିକସ ଠକେଇ ମାମଲା

# ବମ୍ବେ ହାଇକୋର୍ଟରୁ ଅନୀଲ ଅମ୍ବାନୀଙ୍କୁ ମିଳିଲା ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ୪୫୦ କୋଟି ଟିକସ ଠକେଇ ମାମଲାରେ ଆଜି ଶିଳ୍ପପତି ଅନୀଲ ଅମ୍ବାନୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ବମ୍ବେ ହାଇକୋର୍ଟ ତାଙ୍କୁ କଳାଧନ ଆଇନ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ, ଯେପରିକି ମକଦ୍ଦମା ଏବଂ ଜରିମାନାରୁ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଛନ୍ତି। ଅମ୍ବାନୀ ଆଇନର ବ୍ୟବସ୍ଥାଗୁଡ଼ିକର ସାମ୍ବିଧାନିକ ବୈଧତାକୁ ହାଇକୋର୍ଟ ଚ୍ୟାଲେଞ୍ଜ କରିଛନ୍ତି। ଅମ୍ବାନୀ ତାଙ୍କ ଆବେଦନରେ ଆଇନର କିଛି ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି। ହାଇକୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ବିଚାରପତି ବିପି କୋଲାବାୱାଲା ଏବଂ ଫିରଦୌସ ପୁନିୱାଲାଙ୍କ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ ଆଇନ ବିରୁଦ୍ଧରେ ଅନ୍ୟାନ୍ୟ ଆବେଦନ ମଧ୍ୟ ଦାୟର କରାଯାଇଛି। କୋର୍ଟ ଅମ୍ବାନୀଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ଏହି ଆବେଦନର ଜବାବରେ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ତାଙ୍କର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନର ଚୂଡ଼ାନ୍ତ ସମାଧାନ ନ ହେବା ପର୍ଯ୍ୟନ୍ତ ଅମ୍ବାନୀଙ୍କ ବିରୁଦ୍ଧରେ ମାମଲା ଏବଂ ଜରିମାନା ସମେତ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ।



### ଆମ୍ବ ଆମଦାନୀ ପ୍ରସଙ୍ଗରେ ନେପାଳର ସ୍ପଷ୍ଟୋକ୍ତି

# କୌଣସି ନିଷେଧାଦେଶ ନାହିଁ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ନେପାଳ ଭାରତରୁ ଆମ୍ବ ଆମଦାନୀ ଉପରେ କୌଣସି ନିଷେଧାଦେଶ କିମ୍ବା କଟକଣା ଲଗାଇଥିବା ଖବରକୁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଏହି ରିପୋର୍ଟଗୁଡ଼ିକ ତଥ୍ୟଗତ ଭାବରେ ଭୁଲ ଏବଂ ଭ୍ରାମକ। ନେପାଳ ସରକାର, ଏହାର ଉଦ୍ଭିଦ କ୍ୱାରେଣ୍ଟାଇନ୍ ଏବଂ କୀଟନାଶକ ପରିଚାଳନା କେନ୍ଦ୍ର ମାଧ୍ୟମରେ ଜୁନ୍ ୧୦ରେ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ଆମ୍ବ ଆମଦାନୀ ଉପରେ କୌଣସି ନିଷେଧାଦେଶ ଲଗାଯାଇନାହିଁ। ନେପାଳକୁ ଭାରତୀୟ ଆମ୍ବ ରପ୍ତାନି ଜାରି ରହିଛି। ନିର୍ଦ୍ଦିଷ୍ଟ ଫାଇଟୋସାନିଟାରୀ ଆବଶ୍ୟକତା ଅନୁପାଳନ ସହ ଆମଦାନୀ ଅନୁମତି ଜାରି ରହିଛି। ନେପାଳକୁ ଭାରତୀୟ ଆମ୍ବ ରପ୍ତାନି ବିନା ବାଧାରେ ଜାରି ରହିଛି।

# ୨୦୨୫-୨୬ରେ ୫,୪୨୮ କୋଟିର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରିଛି ଓଡ଼ିଶା

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ୨୦୧୪-୧୫ ରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ଭାରତର ରପ୍ତାନିରେ ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ ହୋଇଛି। ମୋଟ ରପ୍ତାନି ୪୬୮ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୮୬୩ ବିଲିୟନ ଆମେରିକୀୟ ଡଲାରର ଐତିହାସିକ ସର୍ବାଧିକ ସ୍ତରରେ ପହଞ୍ଚିଛି। ଏଥିରେ ୫.୭%ର ବାର୍ଷିକ ଅଭିବୃଦ୍ଧି ହାର ଦେଖାଦେଇଛି। ବାଣିଜ୍ୟିକ ରପ୍ତାନି ୩୧୦ ବିଲିୟନ ଆମେରିକୀୟ ଡଲାରରୁ ୪୪୨ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। ସେବା ରପ୍ତାନି ୧୫୮ ବିଲିୟନ ଆମେରିକୀୟ ଡଲାରରୁ ୪୨୧ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ହୋଇଛି। ଏ କ୍ଷେତ୍ରରେ ୯.୩% ବାର୍ଷିକ ଅଭିବୃଦ୍ଧି ହାର ହାସଲ କରାଯାଇଛି। ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଔଷଧ, ବୟନଶିଳ୍ପ, କୃଷି ଉତ୍ପାଦ, ସାମୁଦ୍ରିକ ଉତ୍ପାଦ, ରତ୍ନ ପଥର ଏବଂ ଅଳଙ୍କାର ଆଦି ଉତ୍ପାଦ ରପ୍ତାନିକୁ ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତର ଅଗ୍ରଣୀ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରୁଥିବା ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ। ୨୦୨୫-୨୬ରେ ଓଡ଼ିଶା ୫,୪୨୮.୬୭ କୋଟିର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରିଥିବା କେନ୍ଦ୍ର ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଯଶବୀର ସିଂ କହିଛନ୍ତି।

ଲମ୍ବା ଉପକୂଳ, ଅନୁକୂଳ ଜଳଜ କୃଷି ପରିବେଶ ଏବଂ ଦୃଢ଼ ମତ୍ସ୍ୟପାଳନ ଭିତ୍ତିଭୂମି ସହିତ ଓଡ଼ିଶା ୨୦୨୫-୨୬ରେ ୬୨.୩୨୮ କୋଟି ଆମେରିକୀୟ ଡଲାର (୫,୪୨୮.୬୭ କୋଟି ଟଙ୍କା) ମୂଲ୍ୟର ୧୦୦,୮୯୭ ମେଟ୍ରିକ୍ ଟନ୍ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରିଛି। ରାଜ୍ୟ ପୂର୍ବ ବର୍ଷ ତୁଳନାରେ ରପ୍ତାନି ପରିମାଣରେ ୯.୬୩% ଏବଂ ରପ୍ତାନି ମୂଲ୍ୟରେ ୧୧.୯୦% ଅଭିବୃଦ୍ଧି ରେକର୍ଡ କରିଛି। ଓଡ଼ିଶାରେ ୬୪ ପଞ୍ଜିକୃତ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ, ୪୫ ପ୍ରକ୍ରିୟାକରଣ ପ୍ଲାଣ୍ଟ, ଆଧୁନିକ ଶୀତଳ ସଂରକ୍ଷଣ ସୁବିଧା ଏବଂ ଜଳଚାଳନା ବିକାଶକୁ ସମର୍ଥନ କରୁଥିବା ୩୬ଟି ଚିଙ୍ଗୁଡ଼ି ହାଚେରୀ ଅଛି। ପାରାଦୀପ, ଧାମରା ଏବଂ ବଳରାମଗଡିରେ ପ୍ରମୁଖ ମାଛଧରା ବନ୍ଦର ସହିତ ବାହାବଳପୁର, ବାଲୁଗାଁ, ଚୁଡାମଣି ଏବଂ କୋସିଆରେ ଗୁରୁତ୍ୱପୂର୍ଣ୍ଣ ମାଛ ଅବତରଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଯୋଗୁ ରାଜ୍ୟର ମତ୍ସ୍ୟଚାଷ କ୍ଷେତ୍ର ଯଥେଷ୍ଟ ପ୍ରଗତି ହାସଲ କରିଛି। ପାରାଦୀପ ବନ୍ଦର ଦେଇ କଣ୍ଟେନର ମାଧ୍ୟମରେ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନିକୁ ବୃଦ୍ଧି କରାଯାଇଛି। ଏଠାରେ କଣ୍ଟେନର ପରିବହନ କ୍ଷମତା ୭୬ରୁ ୧୫୮ କୁ ବୃଦ୍ଧି ପାଇଛି, ଅର୍ଥାତ୍ ଏଥିରେ ୧୦୭% ଅଭିବୃଦ୍ଧି ଦେଖିବାକୁ ମିଳିଛି।

**କୃଷି ରପ୍ତାନି ପାଇଁ ଅପାର ସମ୍ଭାବନା**

### ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଜିଲ୍ଲା ଦାୟିତ୍ୱ ପ୍ରସଙ୍ଗ

# ପୁଲିସ ଡିଜି ମାନିଲେ, ରାଜ୍ୟରେ ଆଇନଶୃଙ୍ଖଳା ଠିକ୍ ନାହିଁ: ବିଜେଡି

ଭୁବନେଶ୍ୱର, ୧୦।୬(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ଓ ୧୦ଟି ହାଜତ ମୃତ୍ୟୁର ଅପବାଦ ମୁଣ୍ଡାଇଲା ପରେ ପୁଲିସ ଡିଜି ୧୫ ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ୧୭ଟି ଜିଲ୍ଲାକୁ ସୁପରଭାଇଜ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ରାଜ୍ୟରେ ପୁଲିସ ପ୍ରଶାସନ ସଠିକ୍ ଭାବେ କାର୍ଯ୍ୟ କରୁନଥିବା ନେଇ ସ୍ପଷ୍ଟ କରୁଛି ବୋଲି ବିଜେଡି ଅଭିଯୋଗ କରିଛି।

ବୁଧବାର ଏକ ପ୍ରେସ୍ ବିବୃତ୍ତିରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ପୁଲିସ ଷ୍ଟେସନ ଗୁଡ଼ିକ ଯେମିତି ଶାସକ ଦଳର ଅଫିସ୍ ଭଳି କାମ କରୁଛି, ସେଥିରେ ପରିବର୍ତ୍ତନ ଆସିବା ଆବଶ୍ୟକ। ସାରା ରାଜ୍ୟରେ ଶାସକ ଦଳର ପ୍ରୋତ୍ସାହନରେ ଅବୈଧ ଲଘୁ ଖଣିଜ (ବାଲି, ଗୋଡ଼ି, ମୋରମ) ଉତ୍ତୋଳନ ଯେପରି ନିର୍ବିଘ୍ନରେ ଚାଲିଛି, ତଦ୍ୱାରା ନିଷ୍ଠାପର ପୁଲିସ ଅଧିକାରୀଙ୍କ ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଏବଂ ଅନେକ କ୍ଷେତ୍ରରେ ସେମାନେ ମାଫିଆମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି। କିଛି ଦିନ ତଳେ କଟକରେ ଜଣେ ପୁଲିସ କର୍ମଚାରୀଙ୍କୁ ବାଲି ମାଫିଆ ମାନେ ମାରି ଦେଇଥିବାର ନଜିର ଅଛି। ଅପରପକ୍ଷରେ ଶାସକ ଦଳର ଇଙ୍ଗିତରେ କାମ କରୁଥିବା ପୁଲିସ ଅଧିକାରୀ ମାନେ ମାଲାମାଲ୍ ହେବା ସହ ମାନବିକ ଅଧିକାର ଉଲ୍ଲଙ୍ଘନର ସବୁ ସୀମା ଅତିକ୍ରମ କରୁଛନ୍ତି। ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ ଅନେକ କ୍ଷେତ୍ରରେ ପୁଲିସର ବର୍ବରତା ଓ ଅମାନବୀୟ ଆଚରଣ ଲୋକେ ଦେଖୁଛନ୍ତି। ବାରଙ୍ଗ, ବାଲିଅନ୍ତା, କବିସୂର୍ଯ୍ୟନଗର ଏବଂ ଆଜି ଭଦ୍ରକ ପୁଲିସର ଅମାନବୀୟ ଆଚରଣରେ ରାଜ୍ୟବାସୀ ସ୍ତବ୍ଧ। ଡିଜି ମହାଶୟଙ୍କ ଆଜିର ନିଷ୍ପତ୍ତି ଦ୍ୱାରା ଯଦି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ଆସିବା ସହ ପୁଲିସର ଥାର୍ଡ ଡିଗ୍ରୀ ବ୍ୟବହାର ବନ୍ଦ ହୋଇପାରିବ, ତେବେ ନିଶ୍ଚିତ ଭାବେ ରାଜ୍ୟବାସୀ ଆଶ୍ୱସ୍ତ ହେବେ। ଆଜି ମଧ୍ୟ ବେଆଇନ ବାଲି ଉତ୍ତୋଳନ ସାରା ରାଜ୍ୟରେ ଖୋଲାଖୋଲି ଚାଲିଛି। ଯଦିଓ ଡିଜି ଏବଂ ମୁଖ୍ୟମନ୍ତ୍ରୀ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ବିଷୟରେ କହିଆସୁଛନ୍ତି, ପୁଲିସ ବ୍ୟବସ୍ଥା ପ୍ରତି ଶାସକ ଦଳର ନେତା ଓ ମାଫିଆ ମାନେ ଭ୍ରୂକ୍ଷେପ କରୁନାହାନ୍ତି। ବରିଷ୍ଠ ପୁଲିସ ଅଧିକାରୀଙ୍କ ସୁପରଭିଜନ ଦ୍ୱାରା ରାଜ୍ୟର ଆଇନ ଶୃଙ୍ଖଳା ଓ ପୋଲିସ୍ର ବ୍ୟବହାରରେ ପରିବର୍ତ୍ତନ ଆସିବା ଆବଶ୍ୟକ। ନଚେତ ସରକାରଙ୍କ ଏହା ଆଉ ଗୋଟିଏ ଧୂଆଁବାଣ ବୋଲି ସାବ୍ୟସ୍ତ ହେବ। ବିଳମ୍ବରେ ହେଲେ ମଧ୍ୟ ପୁଲିସ ଡିଜି ଏହି ନିଷ୍ପତ୍ତି ନେଇ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଠିକ୍ ନାହିଁ ବୋଲି ସ୍ୱୀକାର କରିଛନ୍ତି। ଆମେ ଆଶା କରୁଛୁ ଏହି ନିଷ୍ପତ୍ତି ଦ୍ୱାରା ପରିସ୍ଥିତିରେ ନିଶ୍ଚିତ ସୁଧାର ଆସିବ ବୋଲି ଡ. ମହାନ୍ତି କହିଛନ୍ତି।

- ବାଲି ମାଫିଆମାନେ ଆଜି ବି ପୁଲିସଙ୍କୁ କରୁଛନ୍ତି ବିଦ୍ରୁପ
- ରାଜ୍ୟରେ କେବେ ବନ୍ଦ ହେବ ପୁଲିସର ଥାର୍ଡ ଡିଗ୍ରୀ
- ୧୦ଟି ହାଜତ ମୃତ୍ୟୁ ପରେ ସରକାରଙ୍କ ନିଦ ଭାଙ୍ଗିଲା

